# ରାଜ୍ୟପାଳ ପଦ ଉଚ୍ଛେଦ ହେବ: ବିଜୟ

## ପ୍ରଥମ ରାଲିରେ ପ୍ରତିଶ୍ରୁତି

## କୋର୍ଟରେ ତାମିଲ ଭାଷା ପ୍ରଚଳନ କରାଯିବ

ଚେନ୍ନାଇ,୨୭।୧୦

ତାମିଲ ଚଳଚ୍ଚିତ୍ର ଅଭିନେତା ବିଜୟ ରାଜନୈତିକ ଦଳ ଗଢ଼ିବା ପରେ ରବିବାର ତାମିଲନାଡୁର ଭେଲ୍ଲୁପୁରମ୍‌ଠାରେ ପ୍ରଥମ ରାଲି କରିଥିଲେ। ଏହି ଅବସରରେ ସେ ତାଙ୍କ ଦଳ ତାମିଲାଗା ଭେଟ୍ରି କାଝାଗାମ୍ (ଟିଭିକେ)ର ଆଭିମୁଖ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଜଣାଇଛନ୍ତି। ଦଳର ଲକ୍ଷ୍ୟ ଓ ବିଚାରଧାରା ମଧ୍ୟରେ ରହିଛି ଅଦାଲତଗୁଡ଼ିକରେ



ତାମିଲକୁ ପ୍ରଶାସନିକ ଭାଷା ଭାବେ ପ୍ରୋତ୍ସାହିତ କରିବା ଏବଂ ରାଜ୍ୟପାଳ ପଦବୀ ଉଚ୍ଛେଦ କରିବା। କୋର୍ଟ ଏବଂ ମନ୍ଦିରଗୁଡ଼ିକରେ ତାମିଲ ଭାଷାର ପ୍ରସାର କରାଇବା ଏବଂ ଆଞ୍ଚଳିକ ଐତିହ୍ୟର ସମ୍ମାନ ତଥା ସାଂସ୍କୃତିକ ପୁନର୍ଜାଗରଣ ଉପରେ ବିଜୟ ଗୁରୁତ୍ୱ ଦେଇଛନ୍ତି। ଏହି ଅବସରରେ ବିଜୟ ଟିଭିକେର ପତାକା ଉତ୍ତୋଳନ କଲାବେଳେ ସମର୍ଥକମାନେ ତାଳିମାରି ପ୍ରୋତ୍ସାହିତ କରିଥିଲେ। ସେ ଲୋକମାନଙ୍କ ଗହଣକୁ ଆସି ମିଶିବା ବେଳେ ପ୍ରଚ୍ଛଦରେ ରଜ୍ୟ ସଙ୍ଗୀତ 'ତାମିଲ ଥାଇ ଭାଝଥୁ' ଗାନ କରାଯାଇଥିଲା। ତାମିଲନାଡୁ ସାମାଜିକ ଆନ୍ଦୋଳନର ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ପେରିୟାରଙ୍କ ଦର୍ଶନକୁ ତାଙ୍କ ଦଳ ଆଦର୍ଶ ଭାବେ ଗ୍ରହଣ କରିଥିବା ବିଜୟ କହିଛନ୍ତି। ଏହା ବ୍ୟତୀତ ନାରୀଶିକ୍ଷା, ମହିଳା ସଶକ୍ତୀକରଣ ଏବଂ ସାମାଜିକ ନ୍ୟାୟ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ରାଲିରେ ଅନେକ ହଜାର କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ। ନିର୍ବାଚନୀ ରାଜନୀତିରେ ପ୍ରବେଶ କରିବେ ବୋଲି ୫୦ ବର୍ଷୀୟ ଅଭିନେତା ୮ ମାସ ପୂର୍ବରୁ ଘୋଷଣା କରିଥିଲେ।

# ପ୍ରକାଶ ସେଠୀଙ୍କ ନାଁରେ ୩ ଏତଲା

କଟକ ସଦର,୨୭।୧୦
(ସୁଶାନ୍ତ କୁମାର ଜେନା)

## କଟକ ସଦର ବିଧାୟକଙ୍କ ଇଙ୍ଗିତରେ ଚନ୍ଦ୍ରସାରଥିଙ୍କ ଭାଜପାରେ ଯୋଗଦାନ ମେସେଜ୍ ଭାଇରାଲ ଅଭିଯୋଗ

କଟକ ସଦରର ପୂର୍ବତନ ବିଧାୟକ ଚନ୍ଦ୍ରସାରଥି ବେହେରା ବିଜେଡି ଛାଡ଼ି ଭାଜପାର ସଦସ୍ୟତା ଗ୍ରହଣ କରିଥିବା ନେଇ ଏକ ହ୍ୱାଟ୍ସଆପ୍ ମେସେଜ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ହେଲେ ଏହା ନକଲି ମେସେଜ୍ ହୋଇଥିବାରୁ ଏନେଇ କନ୍ଦରପୁର, କିଶନନଗର ଓ ୪୨ ମୌଜା ଥାନାରେ ବିଜେଡି ପକ୍ଷରୁ ରବିବାର ଏତଲା ଦିଆଯାଇଛି। ଦଳୀୟ କର୍ମକର୍ତ୍ତାମାନେ ୩ ଥାନା ଅଧିକାରୀଙ୍କୁ ଭେଟି ଏହି ମେସେଜ୍ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ଇଙ୍ଗିତରେ କରାଯାଇଛି ବୋଲି ଅଭିଯୋଗ କରିଥିଲେ। କନ୍ଦରପୁର ଥାନାରେ ବିଜୁ ଯୁବ ଜନତା ଦଳର କଟକ ସଦର ବ୍ଲକ ସଭାପତି ହିମାଂଶୁ ଦାସ, ସମର ବେହେରା, ରଜନୀକାନ୍ତ ସାହୁ, ସାରଦା ପ୍ରସାଦ ସ୍ୱାଇଁ, ଭିକାରି ବେହେରା, ଉମାକାନ୍ତ ଭୂୟାଁ, ପ୍ରମୋଦ ରାଉତ, କାଳନ୍ଦୀ ସ୍ୱାଇଁ, ନୀତୀନ ଶେଖର ରାଉତ ପ୍ରମୁଖ ଏତଲା ଦେଇଛନ୍ତି। ସେହିପରି ୪୨ ମୌଜା ଥାନାରେ ଅଜୟ ଦଳେଇ, ବୀରବର ଲେଙ୍କା, ପ୍ରଦ୍ୟୁମ୍ନ ମହାନ୍ତି, ପଦ୍ମନାଭ ଗୋଚ୍ଛାୟତ ଏତଲା ଦେଇଛନ୍ତି। କିଶନନଗର ଥାନାରେ ଚିତ୍ତରଞ୍ଜନ ବେହେରା, ପବିତ୍ର ବିଶୋଇ, ମିଳନ ରଞ୍ଜନ ଦାସ, କମଳାକାନ୍ତ ଖୁଣ୍ଟିଆ ପ୍ରମୁଖ ଏତଲା ଦେଇଛନ୍ତି।

ଏ ସମ୍ପର୍କରେ ପୂର୍ବତନ ବିଧାୟକ ବେହେରା କହିଛନ୍ତି, ବିଜେଡି ଛାଡ଼ିବାର ପ୍ରଶ୍ନ ଉଠୁନାହିଁ। ଅପରପକ୍ଷରେ ବିଧାୟକ ସେଠୀ କହିଛନ୍ତି, ଏଭଳି ଅଭିଯୋଗ ଭିତ୍ତିହୀନ। ସେହିପରି କନ୍ଦରପୁର ଥାନା ଅଧିକାରୀ ରାଧାକାନ୍ତ ସାହୁ, ୪୨ ମୌଜା ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା ଓ କିଶନ ନଗର ଥାନା ଅଧିକାରୀ ସୁମନ୍ତ କିଶାନ କହିଛନ୍ତି, ତଦନ୍ତବେଳେ ସାଇବର ଥାନାର ସହଯୋଗ ନିଆଯିବ।



କଟକ ସଦର ବିଧାୟକ ପ୍ରକାଶ ସେଠୀଙ୍କ ନାମରେ କନ୍ଦରପୁର ଥାନାରେ ବିଜେଡି କର୍ମୀ ଏତଲା ଦେଉଛନ୍ତି।

# ଅଧ୍ୟକ୍ଷଙ୍କ ଅନାସ୍ଥା ପ୍ରସ୍ତାବକୁ ନେଇ ବିଜେଡିରେ ଗୋଷ୍ଠୀ କନ୍ଦଳ

## କୋରୁକୋଣ୍ଡା ବ୍ଲକ

ମାଲକାନଗିରି,୨୭।୧୦(ନୃସିଂହ ଚରଣ ମହାନ୍ତି)

ମାଲକାନଗିରି କୋରୁକୋଣ୍ଡା ବ୍ଲକ ଅଧ୍ୟକ୍ଷ (ବିଜେଡି ସମର୍ଥିତ)ଙ୍କ ବିରୋଧରେ କିଛି ଦିନ ପୂର୍ବେ କଂଗ୍ରେସ ସମର୍ଥିତ ସମିତି ସଭ୍ୟା ସଭ୍ୟମାନେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଏଥିରେ ବିଜେଡି କର୍ମକର୍ତ୍ତା ମଦନ ଖୋସ୍‌ଲା ଓ ସୋମନାଥ ବାର୍ସେ କଂଗ୍ରେସକୁ ଉସ୍‌କାଇଥିବା ଅଡିଓ କ୍ଲିପ୍‌କୁ ଆଧାରକରି କୋରୁକୋଣ୍ଡା ବ୍ଲକ ସଭାପତି ସତ୍ୟନାରାୟଣ ପାଣିଗ୍ରାହୀ ଜିଲା ସଭାପତି ମାନସ ମାଡକାମୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ମାନସ ସପ୍ତାହେ ମଧ୍ୟରେ କାରଣ ଦର୍ଶାଅ ନୋଟିସର ଉତ୍ତର ଦେବାପାଇଁ ଉଭୟଙ୍କୁ ନୋଟିସ କରିଛନ୍ତି। ୭ ଦିନ ମଧ୍ୟରେ ଉତ୍ତର ନ ଦେଲେ ଦଳ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଉଲ୍ଲେଖ କରିଛନ୍ତି । ଫଳରେ ବିଜେଡିରେ କନ୍ଦଳ ଆରମ୍ଭ ହୋଇଛି । ଗତ ୨୩ରେ ଭୋଟିଂ ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା। ରିଟର୍ନିଂ ଅଧିକାରୀ ଭାବେ ଚିତ୍ରକୋଣ୍ଡା ତହସିଲଦାର ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ଥାଇ ଦୀର୍ଘ ସମୟଧରି ଅପେକ୍ଷା କରିବା ପରେ ଅନାସ୍ଥା ପ୍ରସ୍ତାବ ଆଣିଥିବା କଂଗ୍ରେସ ସମର୍ଥିତ ସମିତି ସଭ୍ୟାସଭ୍ୟମାନେ ଅନୁପସ୍ଥିତ ଥିବାରୁ ଅନାସ୍ଥା ପ୍ରସ୍ତାବ ରଦ୍ଦ ହୋଇଥିଲା।

# ବାତ୍ୟା ମୁକାବିଲା ନେଇ ସରକାରଙ୍କୁ ଧନ୍ୟବାଦ ଦେଲେ ମନମୋହନ

ଭୁବନେଶ୍ୱର, ୨୭।୧୦(ସୁନିତ୍ ମିଶ୍ର)

ବାତ୍ୟା 'ଦାନା'ର ମୁକାବିଲା ରାଜ୍ୟ ସରକାର ଯେଉଁଭଳି ମିଳିତ ପ୍ରୟାସରେ କରିଛନ୍ତି ତାହା ପ୍ରଶଂସନୀୟ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟବୃନ୍ଦ, ସରକାରୀ ଅଧିକାରୀ, ଏନ୍‌ଡିଆରଏଫ, ଏସ୍‌ଡିଆରଏଫ, ଅଗ୍ନିଶମ ବିଭାଗ, ଉଦ୍ଧାରକାରୀ ଦଳ, ବିଭିନ୍ନ ସାମାଜିକ ସଙ୍ଗଠନ ମିଳିମିଶି ବାତ୍ୟାର ମୁକାବିଲା ଏବଂ ପରିଚାଳନା କରିଛନ୍ତି। ଭାଜପା କାର୍ଯ୍ୟକର୍ତ୍ତାମାନେ ମଧ୍ୟ ନିଜ ଅଞ୍ଚଳରେ ରହି ପ୍ରଶାସନ ଏବଂ ସରକାରଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି । ଓଡ଼ିଶା ସରକାର ଯେଉଁଭଳି ବିଭିନ୍ନ ଜିଲାରେ ବାତ୍ୟା ପରିଚାଳନା କଲେ ତାହା ବିଶ୍ୱସ୍ତରୀୟ। ଏଭଳି ବାତ୍ୟା ପରିଚାଳନା ସମଗ୍ର ବିଶ୍ୱରେ ସର୍ବୋତ୍କୃଷ୍ଟ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ପ୍ରେସ୍ ବିବୃତି ଜରିଆରେ ମନମୋହନ କହିଛନ୍ତି, ବାତ୍ୟା ପୂର୍ବରୁ ଆଗୁଆ ଯୋଜନା ପ୍ରସ୍ତୁତ କରାଯାଇ ତାହାକୁ ଠିକ କାର୍ଯ୍ୟକାରୀ କରାଗଲା । ପ୍ରତ୍ୟେକ ଜୀବନର ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଥିଲା। 'ଜିରୋ କାଜୁଆଲ୍‌ଟି' ଉପରେ ଗୁରୁତ୍ୱ ଦିଆଯାଇ ତଳିଆ ଓ ଅସୁରକ୍ଷିତ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଗଲା । ବାତ୍ୟା ଆଶ୍ରୟସ୍ଥଳରେ ରନ୍ଧା ଖାଦ୍ୟ ପରିବେଷଣକୁ ପ୍ରାଧାନ୍ୟ ଦିଆଯିବା ସହ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି। ଭାଜପା ସରକାର ବାତ୍ୟାଜନିତ କ୍ଷୟକ୍ଷତି ଭରଣା ପାଇଁ ପଦକ୍ଷେପ ନେବା ଆରମ୍ଭ କରିଦେଇଛନ୍ତି । ରାସ୍ତାଘାଟ ସଫା କରି ଯୋଗାଯୋଗ ପୁନଃକ୍ଷମ କରିବା, ବିଜୁଳି ଓ ପାନୀୟ ଜଳକୁ ଲୋକଙ୍କ ପାଖରେ ପହଞ୍ଚାଇବା ଉପରେ ବର୍ତ୍ତମାନ ଗୁରୁତ୍ୱ ଦିଆଯାଉଛି। ପ୍ରଭାବିତ ଅଞ୍ଚଳରେ ସ୍ଥିତି ସ୍ୱାଭାବିକ କରିବା ପାଇଁ ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତିରେ ପ୍ରୟାସ ଜାରି ରଖିଛନ୍ତି। ଏହି ବାତ୍ୟାରେ ଅଧିକାଂଶ ସ୍ଥାନରେ ବହୁ ଧାନ ଓ ଅନ୍ୟାନ୍ୟ ଫସଲ ନଷ୍ଟ ହୋଇଛି। ଏସବୁର ଆକଳନ କରି କ୍ଷତିଗ୍ରସ୍ତଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ବାତ୍ୟା ଯୋଗୁ କ୍ଷତିଗ୍ରସ୍ତ ଲୋକଙ୍କ ଆର୍ଥିକ ସ୍ଥିତି ଯେପରି ପ୍ରଭାବିତ ନ ହେବ, ସେସବୁ ଉପରେ ରାଜ୍ୟରେ ଭାଜପା ସରକାର ଗୁରୁତ୍ୱ ଦେଉଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ଏବଂ ରାଜ୍ୟ ସରକାରଙ୍କ ପୂରା ଟିମ୍‌କୁ ମନମୋହନ ଧନ୍ୟବାଦ ଦେଇଛନ୍ତି।

# 'ଦାନା' ମାଡ଼ ଅଞ୍ଚଳରେ ପହଞ୍ଚିନି ରିଲିଫ୍ : ଧ୍ରୁବ ସାହୁ

ରାଜନଗର, ୨୭।୧୦(ଭାସ୍କର ରାଉତରାୟ)

## ମୃତକଙ୍କ ପରିବାରକୁ ନ ଭେଟି ଉପମୁଖ୍ୟମନ୍ତ୍ରୀ, ଏମ୍‌ପି ଫେରିଗଲେ

ବାତ୍ୟା 'ଦାନା' କେନ୍ଦ୍ରାପଡ଼ା ଜିଲା ରାଜନଗରର ହବାଲିଖଟି ନିକଟରେ ମାଡ଼ ହେବା ଯୋଗୁ ବ୍ଲକରେ ବହୁ କ୍ଷତି ଘଟିଛି। ଇତିମଧ୍ୟରେ ୩ଦିନ ବିତିଯାଇଥିଲେ ମଧ୍ୟ ସରକାର ତତ୍ପର ହୋଇନାହାନ୍ତି ବୋଲି ରାଜନଗର ବିଧାୟକ ଧ୍ରୁବ ସାହୁ କହିଛନ୍ତି। ରବିବାର ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଖବରଦାତା ସମ୍ମିଳନୀ କରି ସେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ସରକାର ରାଜନଗରକୁ ବାତ୍ୟା କ୍ଷୟକ୍ଷତି ଅଞ୍ଚଳ ଘୋଷଣା କରିଥିଲେ ମଧ୍ୟ ରବିବାର ଯାଏ ଲୋକଙ୍କ ପାଖରେ ରିଲିଫ୍ ପହଞ୍ଚି ପାରିଲା ନାହିଁ। ୩ ମୃତ ପରିବାର ପାଇଁ ଆର୍ଥିକ ସହାୟତା ଘୋଷଣା କରାଗଲା ନାହିଁ। ବାତ୍ୟା ପ୍ରଭାବିତ ଅଞ୍ଚଳରେ ଗୋରୁଙ୍କ ପାଇଁ ମୁଠାଏ ଦାନା ପହଞ୍ଚି ପାରିନାହିଁ। ବିପନ୍ନ ଲୋକଙ୍କୁ ପଲିଥିନ୍ ଦିଆଯାଇ ନ ଥିବା ବେଳେ ଏବେ ବି ଅନେକ ଗାଁ ଅନ୍ଧାରରେ ରହିଛି। ଜିରୋ କାଜୁଆଲିଟିରେ ବାହାବା ନେବା ପାଇଁ ପ୍ରାଣହାନି ଘଟିଥିବା ଲୋକଙ୍କ ତଥ୍ୟକୁ ଲୁଚାଇ ଦେବାକୁ ସରକାର ବସିଛନ୍ତି। ସେ କହିଛନ୍ତି, ଉପମୁଖ୍ୟମନ୍ତ୍ରୀ ତାଳଚୁଆ ଗଲେ ସତ, କିନ୍ତୁ ସବୁଠୁ ଅଧିକ ପ୍ରଭାବିତ ହୋଇଥିବା ପଟ୍ଟାପାରିଆ, ପ୍ରଭାତି, ଖାସମୁଣ୍ଡା ଅଞ୍ଚଳକୁ ଗଲେ ନାହିଁ। ଡାଙ୍ଗମାଳ, ତାଳଚୁଆରେ ଗାଡ଼ିରୁ ନ ଓହ୍ଲାଇ ଟୁରିଷ୍ଟ ଭଳି ଯାଇ ଫେରି ଆସିଲେ। ସ୍ଥାନୀୟ ଏମ୍‌ପି ମଧ୍ୟ ଟୁରିଷ୍ଟ ଭଳି ବୁଲି ଫେରିଗଲେ। ବାତ୍ୟା ମୁକାବିଲା ପାଇଁ ଏମାନଙ୍କର ଆନ୍ତରିକତା ଏଥିରୁ ଜଣାପଡୁଛି ବୋଲି ସାହୁ କହିଛନ୍ତି।

ସରକାର ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ ସହାୟତା, ପ୍ରଭାବିତ ଅଞ୍ଚଳରେ ୧୫ଦିନ ପାଇଁ ରିଲିଫ, ଗୃହପାଳିତ ପ୍ରାଣୀଙ୍କ ପାଇଁ ଗୋଖାଦ୍ୟ, କୃଷକମାନଙ୍କୁ ଉଚିତ କ୍ଷତିପୂରଣ ସହିତ ଋଣ ଛାଡ଼, କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀଙ୍କୁ ଜାଲ, ଡଙ୍ଗାର କ୍ଷତିପୂରଣ, ଘରଭଙ୍ଗା ସହାୟତା ସହ ତୁରନ୍ତ ପଲିଥିନ ଯୋଗାଣ ପାଇଁ ବିଧାୟକ ସାହୁ ଦାବି କରିଛନ୍ତି। ତୁରନ୍ତ ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ସରକାର କ୍ଷତିପୂରଣ ଓ ରିଲିଫ୍ ପ୍ରଦାନ ନ କଲେ ବାଧ୍ୟ ହୋଇ ରାସ୍ତାକୁ ଓହ୍ଲାଇବେ ବୋଲି ସେ ଚେତାବନୀ ଦେଇଛନ୍ତି।

ଏହି ସମ୍ମିଳନୀରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ସରପଞ୍ଚ କୈଳାସ ଚନ୍ଦ୍ର ପରିଡ଼ା, ଗୋଲେଖ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଜୟ ନାୟକ, ସୁବାସ ଚନ୍ଦ୍ର ଦାସ, ଦିଲୀପ କୁମାର ପାତ୍ର, ସମିତିସଭ୍ୟ ସଞ୍ଜୟ କୁମାର ସ୍ୱାଇଁ, ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ଜିଲା ଯୁବ ବିଜେଡି ସମ୍ପାଦକ ସରୋଜ କୁମାର ରାଉତ, ଯୁବନେତା ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।



ଖବରଦାତା ସମ୍ମିଳନୀରେ ରାଜନଗର ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।

# ଦେଶର ସ୍ୱତନ୍ତ୍ରତାକୁ ସାମ୍ନାକୁ ଆଣିଛନ୍ତି ପ୍ରଧାନମନ୍ତ୍ରୀ: ଭାଜପା

ଭୁବନେଶ୍ୱର, ୨୭।୧୦(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ସଂସ୍କୃତି, ପରମ୍ପରା, ଐତିହ୍ୟ, କଳା, ଭାଷା ଆଦି ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରି ପ୍ରତ୍ୟେକ ଭାରତୀୟଙ୍କୁ ଗୌରବାନ୍ୱିତ କରିଛନ୍ତି। ଭଗବାନ ବିର୍ସା ମୁଣ୍ଡା, ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀକୁ ପାଳନ କରିବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇ ଦେଶର ସ୍ୱତନ୍ତ୍ରତାକୁ ପୁଣିଥରେ ସାମ୍ନାକୁ ଆଣିଛନ୍ତି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଏହି ଅବସରରେ ମନମୋହନ କହିଛନ୍ତି, 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ୧୧୫ ତମ ସଂସ୍କରଣକୁ ମଧ୍ୟ ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୨୯ ନମ୍ବର ୱାର୍ଡରେ ମନମୋହନ ଶୁଣିଛନ୍ତି। ଆସନ୍ତା ୩୧ ତାରିଖ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ହେବାକୁ ଥିବା 'ରନ୍ ଫର୍ ୟୁନିଟ'ରେ ସାମିଲ ହେବା ପାଇଁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଜି-୨୦ ଶିଖର ସମ୍ମିଳନୀରେ ବିଶ୍ୱ ନେତୃତ୍ୱକୁ କୋଣାର୍କ ଚକ୍ର ତଳେ ଏକାଠି କରିଥିବା ପ୍ରଧାନମନ୍ତ୍ରୀ ବର୍ତ୍ତମାନର ଡିଜିଟାଲ ଯୁଗରେ ଆନିମେଶନ ଜରିଆରେ ବିଶ୍ୱର କୋଣ ଅନୁକୋଣକୁ କୋଣାର୍କ ଓ ଓଡିଶୀ ନୃତ୍ୟକୁ ପହଞ୍ଚାଇବାର ଉଦ୍ୟମକୁ ପ୍ରଶଂସା କରିଛନ୍ତି। ବିକଶିତ ଓଡିଶା ଗଠନ ପାଇଁ ମୋଦି ସରକାର ବଦ୍ଧପରିକର ବୋଲି ସେ କହିଛନ୍ତି।

DSPL



ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ
ମାନ୍ୟବର ପ୍ରଧାନମନ୍ତ୍ରୀ



ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡିଶା ସରକାର

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ

ODISHA STATE SCHOLARSHIP PORTAL

ସମସ୍ତ ଯୋଗ୍ୟ ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ ଛାତ୍ରଛାତ୍ରୀମାନଙ୍କର ଅନଲାଇନ୍ ରେ ନୂତନ ପାଠ୍ୟକ୍ରମ ନିମନ୍ତେ ପଞ୍ଜୀକରଣ ଏବଂ ନବୀକରଣ (ପୂର୍ବରୁ ପଞ୍ଜୀକୃତ) ପାଇଁ ଓଡିଶା ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲ ମାଧ୍ୟମରେ (ODISHA STATE SCHOLARSHIP PORTAL) ଦରଖାସ୍ତ ଆହ୍ୱାନ କରାଯାଉଛି । ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ଦିଆଯାଇଥିବା URL http://www.scholarship.odisha.gov.in ରେ ପରିଦର୍ଶନ କରି ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇଁ ନୂତନ ପଞ୍ଜୀକରଣ ଏବଂ ନବୀକରଣ ନିମନ୍ତେ ଆବେଦନ କରିପାରିବେ ।

**ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇବା ପାଇଁ ଯୋଗ୍ୟତା:**

- ଆବେଦନକାରୀ ଯୋଗ୍ୟ ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀ ହୋଇଥିବା ଆବଶ୍ୟକ ଏବଂ ସେମାନେ ଓଡିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ
- ସେ ସରକାରୀ/ ସରକାରୀ ସ୍ୱୀକୃତି ପ୍ରାପ୍ତ ଶିକ୍ଷାନୁଷ୍ଠାନରେ General/Technical/Professional ଉଚ୍ଚଶିକ୍ଷା ପାଠ୍ୟକ୍ରମରେ ଅଧ୍ୟୟନ କରୁଥିବେ ।
- ସମସ୍ତ ସୂତ୍ରରୁ ପରିବାରର ବାର୍ଷିକ ଆୟ ଟ ୨,୫୦,୦୦୦ /- (ଦୁଇ ଲକ୍ଷ ପଚାଶ ହଜାର ) ରୁ ଅଧିକ ହୋଇନଥିବ ।
- ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନଙ୍କ ପୂର୍ବ ପରୀକ୍ଷାରେ ଅତି କମରେ ୫୦% ଭାଗ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବେ।

ନୂତନ ପଞ୍ଜୀକରଣ ନବୀକରଣ କରିବାର ସମୟ ସାରଣୀ

| କ୍ର.ନଂ | କାର୍ଯ୍ୟ କ୍ରମ | ତାରିଖ |
|---|---|---|
| ୧ | ଦରଖାସ୍ତ ଆବେଦନ ନିମନ୍ତେ ପୋର୍ଟାଲର ଖୋଲିବା ତାରିଖ | ୨୮.୧୦.୨୦୨୪ |
| ୨ | ଦରଖାସ୍ତ ଆବେଦନ କରିବା ନିମନ୍ତେ ଶେଷ ତାରିଖ | ୧୫.୧୨.୨୦୨୪ |
| ୩ | ଦରଖାସ୍ତଗୁଡିକ ଅନୁଷ୍ଠାନଦ୍ୱାରା ଯାଞ୍ଚ ଏବଂ ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ online ପ୍ରେରଣ କରିବାର ଶେଷ ତାରିଖ | ୩୧.୧୨.୨୦୨୪ |
| ୪ | ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀମାନଙ୍କ ଦ୍ୱାରା ଦରଖାସ୍ତଗୁଡିକର online ମଞ୍ଜୁରୀ କରିବାର ଶେଷ ତାରିଖ | ୧୫.୦୧.୨୦୨୫ |

OIPR-26001/13/0008/2425

**ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ :**

- ଛାତ୍ରଛାତ୍ରୀମାନେ ପଞ୍ଜୀକରଣର ସମ୍ପୂର୍ଣ୍ଣ ପ୍ରକ୍ରିୟା ODISHA STATE SCHOLARSHIP PORTAL ରେ "HOW TO APPLY" ବିଭାଗରେ ଜାଣିପାରିବେ।
- OTP ମାଧ୍ୟମରେ ଆଧାର ପ୍ରାମାଣିକରଣ ହୋଇ ID ସୃଷ୍ଟି ହେବ, ତେଣୁ ଛାତ୍ରଛାତ୍ରୀମାନେ OTP ପାଇବା ପାଇଁ ସେମାନଙ୍କ ଆଧାର ନିଜର ସକ୍ରିୟ ଥିବା ମୋବାଇଲ୍ ନମ୍ବର ସହିତ ସଂଯୁକ୍ତ ହୋଇଥିବା ଆବଶ୍ୟକ ।
- ଭାରତ ସରକାରଙ୍କ ସର୍ତ୍ତ ଅନୁଯାୟୀ,ଏହି ଯୋଜନା ଅଧୀନରେ ଚଳିତ ବର୍ଷରୁ ଛାତ୍ରବୃତ୍ତି ପାଇବା ପାଇଁ ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନେ (ନୂତନ ଏବଂ ନବୀକରଣ) "ଓଡିଶା ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲ"ରେ (ODISHA STATE SCHOLARSHIP PORTAL) ନିଜର ବାୟୋ-ମେଟ୍ରିକ ପ୍ରାମାଣିକରଣ କରିବେ । ପୋର୍ଟାଲ ରେ ଆବେଦନକାରୀଙ୍କ ନିଜର ଲଗ-ଇନ ପେଜରେ ଏହି ବ୍ୟବସ୍ଥା ପ୍ରଦାନ କରାଯାଇଛି। ଏହାର ସବିଶେଷ ବିବରଣୀ OSSP ର ମୁଖ୍ୟ ପେଜ ରେ ଦିଆଯାଇଛି।
- ଆବେଦନକାରୀର ସମ୍ପୂର୍ଣ୍ଣ ସୂଚନା ଯଥା ନାମ, ଲିଙ୍ଗ, ଜନ୍ମତାରିଖ (DOB) , AADHAAR ରୁ ଅଣାଯିବ ଏବଂ ଏହା ଅପରିବର୍ତ୍ତିତ ରହିବ | ଆବେଦନ କରିବା ପୂର୍ବରୁ, ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର AADHAAR ରେ (ନାମ ଏବଂ ଉପନାମ ବନାନ ଅନ୍ତର୍ଭୁକ୍ତକରି) ସଠିକ ନିଶ୍ଚିତ କରିବେ ।
- ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀମାନଙ୍କ କ୍ଷେତ୍ରରେ, ଜନଜାତି ନାମ ଏବଂParticularly Vulnerable Tribal Group (PVTG) ସମ୍ପର୍କୀୟ ଅତିରିକ୍ତ ସୂଚନା ପ୍ରଦାନ କରନ୍ତୁ।ଆବେଦନ କରିବା ସମୟରେ ବେସିକ ପ୍ରୋଫାଇଲ ପେଜରେ ଡ୍ରପ ଡାଉନ ତାଲିକାରେ ଦିଆଯାଇଥିବା ୧୩ଟି ଗୋଷ୍ଠୀ ତାଲିକା ମଧ୍ୟରୁ ସଠିକ ବିକଳ୍ପ ଚୟନ କରନ୍ତୁ ଏବଂ ଏ ସୂଚନାକୁ ନେଇ କିଛି ଦ୍ୱନ୍ଦ ଥିଲେ ଦୟାକରି ଆପଣଙ୍କର ଜାତି ପ୍ରମାଣପତ୍ରକୁ ଅନୁସରଣ କରନ୍ତୁ। ଯଦି ଛାତ୍ରଛାତ୍ରୀ ନିଜର ଗୋଷ୍ଠୀ ବିଷୟରେ ଅବଗତ ନାହାନ୍ତି ସେମାନେ ନିଜର ପିତାମାତାଙ୍କ ଠାରୁ ଆବଶ୍ୟକୀୟ ତଥ୍ୟ ଗ୍ରହଣ କରି ଏହା ପୂରଣ କରି ପାରିବେ । ଯଦି ଆପଣ PVTG ଗୋଷ୍ଠୀ ଅନ୍ତର୍ଭୁକ୍ତ ନାହାନ୍ତି, ତେବେ "NO" ଚୟନ କରନ୍ତୁ।
- ଛାତ୍ରଛାତ୍ରୀମାନଙ୍କୁ ଆବେଦନ ପତ୍ର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜପତ୍ର ଗୁଡିକର ହାର୍ଡକପି ଦାଖଲ ନକରିବାକୁ ପରାମର୍ଶ ଦିଆଯାଇଛି। ତେଣୁ ଆବେଦନକାରୀ ମାନଙ୍କୁ ଅନୁରୋଧ ସେମାନେ ଆୟ, ଜାତି, ମେଟ୍ରିକ, ବ୍ୟାଙ୍କ ଆକାଉଣ୍ଟ ଇତ୍ୟାଦି ସମ୍ବନ୍ଧୀୟ ତଥ୍ୟ ସତର୍କତାର ସହିତ ପୋର୍ଟାଲରେ ପୂରଣ କରିବେ | ତଥାପି, ଯଦି ଆବଶ୍ୟକତା ଥାଏ ତେବେ DWO ଆବେଦନକାରୀଙ୍କ ଠାରୁ ହାର୍ଡ-କପି ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଡକ୍ୟୁମେଣ୍ଟ ମାଗି ପରିବେ | ଶିକ୍ଷାନୁଷ୍ଠାନ / DWO ସ୍ତରରେ ଯାଞ୍ଚ ପ୍ରକ୍ରିୟା ସମୟରେ ଯଦି କିଛି ଅସଙ୍ଗତି ମିଳେ ତେବେ, ସମ୍ପୃକ୍ତ ଛାତ୍ରବୃତ୍ତି ପ୍ରତ୍ୟାଖ୍ୟାନ କରାଯାଇପାରେ |
- ପ୍ରଥମ ଥର ପାଇଁ ଆବେଦନ କରୁଥିବା କିମ୍ବା ନୂତନ ପାଠ୍ୟକ୍ରମରେ ନବୀକରଣ କରୁଥିବା ଛାତ୍ରଛାତ୍ରୀମାନେ ଓଡ଼ିଶାର ଇ-ଜିଲ୍ଲା ପୋର୍ଟାଲରୁ ଜାତି ଏବଂ ନୂତନ ଆୟ ପ୍ରମାଣପତ୍ର ପ୍ରାପ୍ତ କରି ତାହାକୁ ପୋର୍ଟାଲ ରେ upload କରିବେ ।
- ନୂତନ ପଞ୍ଜୀକରଣ କରୁଥିବା ଛାତ୍ରଛାତ୍ରୀମାନେ ମାଟ୍ରିକ୍ ଠାରୁ ଆରମ୍ଭ କରି ଏଯାବତ ପ୍ରାପ୍ତ କରିଥିବା ସମସ୍ତ ଶିକ୍ଷାଗତ ଯୋଗ୍ୟତାର ବିବରଣୀ ଏବଂ ପ୍ରମାଣପତ୍ର / ମାର୍କ-ସିଟ୍ ପୋର୍ଟାଲର ସମ୍ପୃକ୍ତ ବିଭାଗରେ ଅପଲୋଡ୍ କରିବେ | ନୂତନ ପାଠ୍ୟକ୍ରମରେ ନବୀକରଣ କରୁଥିବା ଛାତ୍ରଛାତ୍ରୀମାନେ ପୂର୍ବ ପରୀକ୍ଷାର ମାର୍କ୍ସ Academic Details ବିଭାଗରେ ପ୍ରଦାନ କରିବେ ।
- ଆବେଦନ ସ୍ଥିତି ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇବା ପାଇଁ ଛାତ୍ରଛାତ୍ରୀମାନେ ଏକ ସକ୍ରିୟ ମୋବାଇଲ ନମ୍ବର (ବିଶେଷତଃ whatsapp ନମ୍ବର) ପୋର୍ଟାଲରେ ପ୍ରଦାନ କରିବା ଆବଶ୍ୟକ | ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଗୋଟିଏ ମୋବାଇଲ ନମ୍ବର କେବଳ ଗୋଟିଏ ଆବେଦନରେ ହିଁ ବ୍ୟବହାର କରାଯାଇପାରିବ।
- ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ID ଏବଂ password ଗୋପନୀୟ ରଖିବାକୁ ଅନୁରୋଧ | ଯଦି ଆବେଦନକାରୀ ନିଜର ID କିମ୍ବା password ଅନ୍ୟକୁ ଜଣାଇଲେ କିମ୍ବା ହସ୍ତାନ୍ତର କଲେ, ଯଦି ବୃତ୍ତି ରାଶିରେ କୌଣସି ଭୁଲ ପଇଠ ହୁଏ ବା କୌଣସି ପ୍ରକାରର କାରସାଦି ହୁଏ ସେଥିପାଇଁ ସମ୍ପୃକ୍ତ ଆବେଦନକାରୀ ଦାୟୀ ରହିବେ ।

**ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ :**

- ଭାରତ ସରକାରଙ୍କ ସର୍ତ୍ତାବଳୀ ଅନୁଯାୟୀ, ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ (HoI) ଏବଂ ସ୍କଲାରସିପ୍ ନୋଡାଲ୍ ଅଫିସର (INO) ମାନେ ୨୦୨୪-୨୦୨୫ରୁ ରାଜ୍ୟ ସ୍କଲାରସିପ୍ ପୋର୍ଟାଲରେ ବାୟୋମେଟ୍ରିକ୍ ଇ-କେଇସି ପ୍ରାମାଣିକରଣ କରିବା ଅନିର୍ବାଯ୍ୟ ଅଟେ | ପୋର୍ଟାଲରେ ଯେଉଁ ଶିକ୍ଷାନୁଷ୍ଠାନମାନଙ୍କ ବାୟୋମେଟ୍ରିକ୍ ଇ-କେଇସି ପ୍ରାମାଣିକରଣ ହୋଇଛି , କେବଳ ସେମାନେ ହିଁ ଆବେଦନ ଗୁଡିକୁ ଆଗକୁ ପ୍ରକ୍ରିୟାକରଣ କରିପାରିବେ। ପୋର୍ଟାଲ ରେ ଶିକ୍ଷାନୁଷ୍ଠାନ ଗୁଡିକର ନିଜର ଲଗ-ଇନ ପେଜରେ ବାୟୋମେଟ୍ରିକ୍ ଇ-କେଇସି ପ୍ରାମାଣିକରଣର ବ୍ୟବସ୍ଥା ରହିଛି।
- ଅନୁଷ୍ଠାନ / DWO ମାନେ ଶେଷ ତାରିଖକୁ ଅପେକ୍ଷା ନକରି ଆବେଦନ ପାଇବାର ୭ ଦିନ ମଧ୍ୟରେ ନିଜର ପରବର୍ତ୍ତୀ ସ୍ତରକୁ ଆବେଦନ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି।
- ଯଦି ଆବଶ୍ୟକତା ଥାଏ, DWO ଅନୁଷ୍ଠାନ ଦ୍ୱାରା ଅନୁମୋଦିତ ଆବେଦନ ତାଲିକାରେ ତାଙ୍କ ମୁଖ୍ୟଙ୍କ ଦସ୍ତଖତ ହୋଇଥିବା ହାର୍ଡ-କପି ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଡକ୍ୟୁମେଣ୍ଟ ମାଗି ପରିବେ। ଅନୁମୋଦିତ ହୋଇଥିବା ଆବେଦନର ତାଲିକା / ସାରାଂଶ ତାଲିକା ସେମାନଙ୍କ ଲଗ-ଇନ ପେଜରେ ପ୍ରିଣ୍ଟ କରିବା ପାଇଁ ଦିଆଯାଇଛି ।

ନିର୍ଦ୍ଦେଶକ, ଅନୁସୂଚିତ ଜନଜାତି
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ

# ନୀଳାଚଳ ଇସ୍ପାତ ସମ୍ପ୍ରସାରଣ ହେବ

- ଉତ୍ପାଦନ କ୍ଷମତା ବାର୍ଷିକ ୯.୫ ଏମ୍‌ଟିକୁ ବୃଦ୍ଧି ପ୍ରସ୍ତାବ
- ୪୫୦୦ ପ୍ରତ୍ୟକ୍ଷ ଏବଂ ୯୫୦୦ ପରୋକ୍ଷ ନିଯୁକ୍ତି ସୃଷ୍ଟି ସମ୍ଭାବନା




ଯାଜପୁର,୨୭।୧୦
(ହର୍ଷବର୍ଦ୍ଧନ ବେହେରା)

ଲୌହ ଏବଂ ଇସ୍ପାତ ଉତ୍ପାଦନ ପାଇଁ ୧୯୮୨ରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ (ଏନ୍‌ଆଇଏନ୍‌ଏଲ୍) ଗଠନ ହୋଇଥିଲା। ଜାତୀୟ କମ୍ପାନୀ ଆଇନ ଟ୍ରିବ୍ୟୁନାଲ ୨୦୧୯ ଫେବୃଆରୀ ୬ରେ ଏନ୍‌ଆଇଏନ୍‌ଏଲ୍‌ର କର୍ପୋରେଟ ଦେବାଳିଆ ସମାଧାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହିକ୍ରମରେ ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ ଲିମିଟେଡ୍ ସଫଳ ନିବେଶକ ଭାବେ ଘୋଷିତ ହୋଇଥିଲା। ଏହାପରେ ଏନ୍‌ଆଇଏନ୍‌ଏଲର ଅଂଶଧାରୀ ଏବଂ ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ ଲିମିଟେଡ୍ ମଧ୍ୟରେ ୨୦୨୨ ମାର୍ଚ୍ଚ ୧୦ରେ ଶେୟାର ବିକ୍ରୟ ଓ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ତଦନୁସାରେ ଏନ୍‌ଆଇଏନଏଲ୍‌କୁ ୨୦୨୨ ଜୁଲାଇ ୪ରେ ଟାଟା ଷ୍ଟିଲ ଲଙ୍ଗ ପ୍ରଡକ୍ଟସ ଦ୍ୱାରା ଅଧିଗ୍ରହଣ ସମାପ୍ତ ହୋଇଥିଲା। ଯାଜପୁର ଜିଲା କଳିଙ୍ଗନଗରସ୍ଥିତ ଏନ୍‌ଆଇଏନ୍‌ଏଲ୍‌ର ଅଶୋଧିତ ଇସ୍ପାତ ଉତ୍ପାଦନ କ୍ଷମତାକୁ ବାର୍ଷିକ ୦.୯୮୧ ମେଟ୍ରିକ୍ ଟନ୍ (ଏମ୍‌ଟି)ରୁ ୯.୫ ଏମ୍‌ଟିକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଏହି ପ୍ରସ୍ତାବିତ ସମ୍ପ୍ରସାରଣ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ନିକଟରେ ଆବେଦନ କରାଯାଇଛି।

ମିଳିଥିବା ସୂଚନା ଅନୁସାରେ, ଏହି ଇସ୍ପାତ କାରଖାନା ପାଇଁ କଞ୍ଚାମାଲର ମୋଟ ଆବଶ୍ୟକତା ବାର୍ଷିକ ୪.୭ ଏମ୍‌ଟିରୁ ୨୭ ଏମ୍‌ଟିକୁ ବୃଦ୍ଧି ପାଇବ। ଏହାବାଦ୍ ପ୍ଲାଣ୍ଟର ସର୍ବାଧିକ ବିଦ୍ୟୁତ୍ ଆବଶ୍ୟକତା ମୋଟ ୭୫୮ ମେଗାୱାଟ୍ ମଧ୍ୟରୁ ୫୫୭ ମେଗାୱାଟ ଗ୍ରୀଡ୍, ୨୮ ମେଗାୱାଟ୍ କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ ଏବଂ ୭୮.୫ ମେଗାୱାଟ ଅକ୍ଷୟ ଶକ୍ତି ଉତ୍ସରୁ ଉତ୍ପାଦନ କରାଯିବ। ସେହିପରି ଘଣ୍ଟାକୁ ୪୦୦ ଘନମିଟରରୁ ୪୬୦୦ ଘନମିଟର ଜଳ ଆବଶ୍ୟକତା କରିବ। ଖରସ୍ରୋତା ନଦୀରୁ ଏହି ଜଳ ବ୍ୟବହାର କରାଯିବ। ପ୍ରସ୍ତାବିତ ପ୍ରକଳ୍ପର ଆନୁମାନିକ ମୂଲ୍ୟ ପ୍ରାୟ ୬୧,୭୬୯.୦୩ କୋଟି ଟଙ୍କା ରହିଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ସମୟରେ ୪୫୦୦ ପ୍ରତ୍ୟକ୍ଷ ଏବଂ ୯୫୦୦ ପରୋକ୍ଷ ଭାବେ ନିଯୁକ୍ତି ସୃଷ୍ଟି ହେବା ସମ୍ଭାବନା ରହିଛି। ଜାତୀୟ ଇସ୍ପାତ ନୀତି ଅନୁଯାୟୀ ୨୦୩୦ ସୁଦ୍ଧା ୩୦୦ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ପ୍ରକଳ୍ପ ଦ୍ୱାରା ଭିତ୍ତିଭୂମି ବିକାଶ ତ୍ୱରାନ୍ୱିତ ହେବ। ପ୍ଲାଣ୍ଟ ପରିଚାଳନା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସମ୍ପ୍ରସାରଣର ଆବଶ୍ୟକତାକୁ ପୂରଣ କରିବା ପାଇଁ ବର୍ତ୍ତମାନର ସଡ଼କ ସ୍ଥିତିରେ ଉନ୍ନତି ହେବ। ଏହାସହ ରେଳ ଓ ସ୍ଥାନୀୟ ପରିବହନ ସୁବିଧାରେ ଆହୁରି ଉନ୍ନତି କରାଯିବ ବୋଲି କମ୍ପାନୀର ପରିବେଶ ପ୍ରଭାବ ଆକଳନ ରିପୋର୍ଟରେ ଦର୍ଶାଯାଇଛି।

ଅନ୍ୟପକ୍ଷରେ ବିସ୍ଥାପିତ, ଜମିହରା, କ୍ଷତିଗ୍ରସ୍ତ ବିଚାର ମଞ୍ଚ ପକ୍ଷରୁ ୩୪ ଦଫା ସମ୍ବଳିତ ଦାବିକୁ ନେଇ ବିଭିନ୍ନ ସମୟରେ ଆନ୍ଦୋଳନ ଚାଲୁଥିବାରୁ ଏହି ଜନଶୁଣାଣିର ସଫଳତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ଫେବୃଆରୀରୁ ଏନ୍‌ଆଇଏନ୍‌ଏଲ୍ କାରଖାନା ସମ୍ମୁଖରେ ବିସ୍ଥାପିତ ପରିବାର ଲୋକେ ଆନ୍ଦୋଳନ ଚଳାଇ ଆସୁଥିଲେ। ମାତ୍ର ସେମାନଙ୍କ ଦାବି ପୂରଣ ହୋଇ ନ ଥିଲା। ବିସ୍ଥାପିତ ପରିବାର ଆନ୍ଦୋଳନରେ ସାମିଲ ହେବା ପରେ କଳିଙ୍ଗନଗର ଏଡିଏମ୍‌ଙ୍କ ଉପସ୍ଥିତିରେ କାରଖାନା କର୍ତ୍ତୃପକ୍ଷ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଏକାଧିକବାର ତ୍ରିପାକ୍ଷିକ ଆଲୋଚନା ହୋଇଥିଲେ ସୁଦ୍ଧା ସମାଧାନର ସୂତ୍ର ବାହାରି ପାରି ନ ଥିଲା। ଫଳରେ ୨୦।୫।୨୦୨୪ରେ ଟାଟା ଷ୍ଟିଲ ସହିତ ନୀଳାଚଳ ଇସ୍ପାତ ନିଗମର ମୁଖ୍ୟ ଗେଟ୍‌ରେ ତାଲା ପକାଇ ଆନ୍ଦୋଳନକାରୀମାନେ ଅର୍ଥନୈତିକ ଅବରୋଧ କରିଥିଲେ। ଏହାବାଦ୍ ଗତ ଏପ୍ରିଲ ୧୦ରେ ରାଜ୍ୟର ପ୍ରାୟ ୨୫ଟି ସଂଗଠନର କର୍ମକର୍ତ୍ତା ବିଭିନ୍ନ ଦାବି ନେଇ କଳିଙ୍ଗନଗର ଆମ୍ବଗାଡ଼ିଆ ବୀରଭୂମିଠାରେ ଏକତ୍ର ହୋଇ ଆନ୍ଦୋଳନ ଡାକରା ଦେଇଥିଲେ। ସେହିସବୁ ଦାବିଗୁଡ଼ିକ ଏଯାଏ ପୂରଣ ହୋଇ ପାରିନାହିଁ। ଏଭଳିସ୍ଥିତିରେ ଶ୍ରମିକ ନେତା ବାବୁଲି ପୂର୍ତ୍ତି କୁହନ୍ତି, ନୀଳାଚଳର ସମ୍ପ୍ରସାରଣ ଲକ୍ଷ୍ୟକୁ ସ୍ୱାଗତ କରାଯାଉଛି। କିନ୍ତୁ ବିସ୍ଥାପିତମାନଙ୍କ ଦାବିଗୁଡ଼ିକ ପୂରଣ କରା ନ ଗଲେ ଜନଶୁଣାଣିକୁ ବିରୋଧ କରାଯିବ।

## ସଂକ୍ଷେପରେ

### ମହିଳା ସରପଞ୍ଚଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ବିଞ୍ଝାରପୁର,୨୭।୧୦(ରାମକୃଷ୍ଣ ଦାସ): ବିଞ୍ଝାରପୁର ବ୍ଲକ ରଣପୁର ପଞ୍ଚାୟତ ସରପଞ୍ଚ ରିୟଙ୍କା ଜେନାଙ୍କୁ କେତେଜଣ ଅସାମାଜିକ ଯୁବକ ମିଳିତ ଭାବରେ ଦୁର୍ବ୍ୟବହାର କରିଥିବା ନେଇ ବିଞ୍ଝାରପୁର ଥାନାରେ ଅଭିଯୋଗ ହୋଇଛି। ସରପଞ୍ଚ ଜେନା ଗତ ଗୁରୁବାର କଣ୍ଡିପୁରସ୍ଥିତ କୂଳସାହି ନୋଡାଲ ୟୁପି ବିଦ୍ୟାଳୟ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳର ଅନ୍ତେବାସୀଙ୍କୁ ମଧ୍ୟାହ୍ନଭୋଜନ ବଣ୍ଟନ କରୁଥିଲେ। ଏହି ସମୟରେ କଣ୍ଡିପୁର ଗ୍ରାମର ନରେନ୍ଦ୍ର ଜେନା, ଶଙ୍କର୍ଷଣ ଜେନା, ମକରା ଜେନା, କିଶୋର ଜେନା, କୈଳାସ ଜେନା ମିଳିତ ଭାବରେ ବିଦ୍ୟାଳୟର ପହଞ୍ଚି ରନ୍ଧାଖାଦ୍ୟକୁ ଫୋପାଡ଼ିବା ସହିତ ସରପଞ୍ଚଙ୍କୁ ଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ତାଙ୍କୁ ଟଣା ଓଟରା କରି ସୁନା ଚେନ ଛିଣ୍ଡାଇ ନେଇଥିଲେ। ତାଙ୍କ ମୋବାଇଲ୍ ଫୋନ୍ ନେଇଯିବା ସହ ମାଡ଼ ମାରିଥିଲେ ବୋଲି ସରପଞ୍ଚ ଥାନାରେ ଦେଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏନେଇ ପୋଲିସ ଏକ ମାମଲା ନଂ.୫୮୬/୨୪ ରୁଜୁକରି ତଦନ୍ତ ଚଳାଇଛି।

### ୫ ବରିଷ୍ଠ ନାଗରିକ ସମ୍ମାନିତ

ଯାଜପୁର ଟାଉନ,୨୭।୧୦
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ବ୍ଲକ୍ ଛତିଶଦେବିଲ ପଞ୍ଚାୟତ ଅନ୍ତର୍ଗତ ରିଷିପୁର ଗ୍ରାମର ୫ ବରିଷ୍ଠ ନାଗରିକଙ୍କୁ ତୃତୀୟ ଜମ୍ବୁବତୀ–ଭୀମସେନ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ଜମ୍ବୁବତୀ–ଭୀମସେନ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ସାଧୁ ତଥା ସାନଭୁବନପୁରର ଆନନ୍ଦ ପାଣି, ଛତିଶଦେବିଲର କାମଦେବ ବିଶ୍ୱାଳ, ଠିଆର ଦେବିଲର ନରହରି ବିଶ୍ୱାଳ, ରିଷିପୁରର କେଶବଚନ୍ଦ୍ର ବିଶ୍ୱାଳ ଓ ବିଚିତ୍ରାନନ୍ଦ ବିଶ୍ୱାଳଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଶିକ୍ଷକ ଡ. ଆଶୁତୋଷ ବଳ ଏଥିରେ ମୁଖ୍ୟ ଅତିଥି, ସାହିତ୍ୟିକ ଶୈଳଜାଶଙ୍କର ସାମଲ ମୁଖ୍ୟବକ୍ତା ଓ ସୁଜନପୁର ସେବା ସମବାୟ ସମିତି ସଭାପତି କୁଳମଣି ବିଶ୍ୱାଳ ସମ୍ମାନିତ ଅତିଥିଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କୁ ଏପରି ସମ୍ମାନର ଭୂୟସୀ ପ୍ରଶଂସା କରିଥିଲେ। ସ୍ମୃତି ପରିଷଦ ସଭାପତି ସରୋଜ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସୁଜନପୁର ଆଞ୍ଚଳିକ ପଂଚାୟତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ସୁକାନ୍ତ କୁମାର ବିଶ୍ୱାଳ ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ଅଶୋକ ବିଶ୍ୱାଳ, ଅନନ୍ୟା ଅନ୍ୟତମା ବିଶ୍ୱାଳ, ସାଗରିକା ବିଶ୍ୱାଳ ଉତ୍ସବ ପରିଚାଳନାରେ ସହାୟତା କରିଥିଲେ। ପରିଷଦ ସମ୍ପାଦକ ସଞ୍ଜୀବ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

### ଯୁବକଙ୍କ ମୃତଦେହ ଜବତ

ଯାଜପୁରରୋଡ୍,୨୭।୧୦
(ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁରରୋଡ୍ ଥାନା ଜୋକଡିଆ ବ୍ୟାରେଜର ଖରସ୍ରୋତା ନଦୀରୁ ଶନିବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି ପୋଲିସ। ମୃତ ଯୁବକଙ୍କ ପରିଚୟ ମିଳି ପାରିନଥିବାବେଳେ ଆନୁମାନିକ ବୟସ ୪୦ ବର୍ଷ ହେବ। ସେ ଏକ ଗଞ୍ଜି ଓ ହାଫ ପ୍ୟାଣ୍ଟ ପିନ୍ଧିଥିଲେ। ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ତେବେ ଘଟଣାର ତଦନ୍ତ ପରେ ଯୁବକଙ୍କ ସମ୍ପର୍କରେ ସବୁ ତଥ୍ୟ ମିଳିବ ବୋଲି ପୋଲିସ କହିଛି। ଏନେଇ ଥାନାରେ ଏକ ମାମଲା ନଂ.୫୧/୨୪ ରୁଜୁ ହୋଇଛି।

# କଲେଜକୁ ଟିସି ଫେରାଇଲେ ବହୁ ଛାତ୍ରୀଛାତ୍ର

ଧର୍ମଶାଳା,୨୭।୧୦(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ କୁମାରୀ ପଞ୍ଚାୟତ ଜାମୁବଣିଆସ୍ଥିତ ଜେନିଥ ଯୁକ୍ତ ୨ ଆବାସିକ ବିଦ୍ୟାଳୟରେ ଟିସି ଫେରାଇବା ଘଟଣାରେ ଅଭିଭାବକ, ଶିକ୍ଷକ ଓ ବରିଷ୍ଠ ପରାମର୍ଶଦାତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଛାତ୍ରୀଛାତ୍ର ଟିସି ନେବା ଘଟଣାକୁ କଲେଜ କର୍ତ୍ତୃପକ୍ଷ ନିନ୍ଦା କରିଛନ୍ତି। ପାଠପଢ଼ା ଭଲ ହେଉ ନ ଥିବା ଅଭିଯୋଗ କରି ଏହି ଘରୋଇ କଲେଜରୁ ୫୩ ଛାତ୍ରୀଛାତ୍ର ଟିସି ନେଇଥିଲେ। କେତେଜଣ ଖଳ ପ୍ରକୃତିର ଲୋକେ ମିଥ୍ୟା ଅପପ୍ରଚାର କରି କଲେଜକୁ ବଦନାମ କରୁଛନ୍ତି। ଫଳରେ ଛାତ୍ରୀଛାତ୍ର କଲେଜରୁ ଟିସି ନେବା ପାଇଁ ଜିଦ ଧରିଥିଲେ। ଏବେ ଟିସି ନେଇଥିବା ଛାତ୍ରୀଛାତ୍ର ଓ ଅଭିଭାବକମାନେ ଭୁଲ ବୁଝିବା ପରେ କଲେଜକୁ ଟିସି ଫେରାଇ ଦେଇଥିବା କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ୬ ଜଣ ଛାତ୍ରୀଛାତ୍ର ସେମାନଙ୍କ ଟିସି ଫେରାଇ ଦେଇଥିବାବେଳେ ଆଗକୁ ଏହି ସଂଖ୍ୟା ବଢ଼ିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହି ଘରୋଇ କଲେଜରେ ପଢୁଥିବା ଛାତ୍ରୀଛାତ୍ରଙ୍କ ପାଠ ପଢ଼ା ପ୍ରତି କର୍ତ୍ତୃପକ୍ଷ ଓ ଶିକ୍ଷକ ଯତ୍ନବାନ ଅଛନ୍ତି। ଅପପ୍ରଚାରରେ ବିଶ୍ୱାସ ନକରି କଲେଜର କାର୍ଯ୍ୟପ୍ରଣାଳି ଓ ଶୈକ୍ଷିକ ବାତାବରଣ ପ୍ରତି ସମସ୍ତେ ଅବଗତ ହେବାକୁ ବୈଠକରେ ମତପ୍ରକାଶ ପାଇଛି।

# ସୋସିଆଲ ମିଡିଆ ପୋଷ୍ଟକୁ ନେଇ ମାମଲା



ଥାନାକୁ ଆସିଥିବା ପୂର୍ବତନ ବିଧାୟକ ଏବଂ ତାଙ୍କ ସମର୍ଥକ ।

**ବିଜେଡିର ୨ ସମର୍ଥକଙ୍କୁ ପଚରାଉଚରା**

କାଏମା,୨୭।୧୦(ଶିବପ୍ରସାଦ ମହାନ୍ତି):

ସୋସିଆଲ ମିଡିଆରେ ଏକ ପୋଷ୍ଟକୁ ନେଇ ଧର୍ମଶାଳା ନିର୍ବାଚନମଣ୍ଡଳୀ ବିଜେଡିର ଦୁଇ ସମର୍ଥକଙ୍କୁ ରବିବାର ଧର୍ମଶାଳା ପୋଲିସ ଡାକି ପଚରାଉଚରା କରିଛି। ସେମାନେ ହେଲେ ବିଜେଡିର ଯୁବସଂଗଠକ ସୁବ୍ରତ କୁମାର ଧଳ ଓ ଛାତ୍ର ସଙ୍ଗଠକ ମାନସ କୁମାର ମହାନ୍ତି। ଉଭୟଙ୍କ ବିରୋଧରେ ଦେଉଳିପାଳ ଗ୍ରାମର ବିଶ୍ୱଜିତ ସ୍ୱାଇଁ ଗତ ୧୮ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୭୬୫/୨୪ର ଏକ ମାମଲା ରୁଜୁ କରି ଉଭୟଙ୍କୁ ଥାନାକୁ ଡାକିଥିଲା। ଖବର ପାଇ ଧର୍ମଶାଳା ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ସମର୍ଥକଙ୍କ ସହ ଥାନାରେ ପହଞ୍ଚି ସେଠାର ଉପସ୍ଥିତ ଥିବା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନିରୁଦ୍ଧ ରାଉତରାୟ ଓ ଥାନା ଅଧିକାରୀ ତପନ କୁମାର ନାୟକଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଆଇନ ସମସ୍ତଙ୍କ ପାଇଁ ସମାନ, ବିଗତ ଦିନେର ବେଜଡି ସମଥର୍କଙ୍କ ଦ୍ୱାରା ହୋଇଥିବା ଅଭିଯୋଗକୁ ପୋଲିସ ହାଲୁକା ଭାବେ ନେଉଥିଲାବେଳେ ବର୍ତ୍ତମାନ ନିଜ ଟିଆରପି ପାଇଁ ସାମାନ୍ୟ ଅଭିଯୋଗରେ ପୋଲିସ ବେଜଡି ସମଥର୍କଙ୍କୁ ଥାନାକୁ ଡାକି ଧମକଚମକ ଦେଉଛି। ନିବାଚନ ୪ ମାସ ପରେ ମଧ୍ୟ ପୋଲିସ ସମସ୍ତଙ୍କ ପାଇଁ ଠିକର କାମ କରୁନାହିଁ ବୋଲି ପୂର୍ବତନ ବିଧାୟକ ଅଭିଯୋଗ କରିଛନ୍ତି। ତେବେ ପୋଲିସ ତା'ର କାର୍ଯ୍ୟଧାରେରେ ପରିବର୍ତ୍ତନ ନ ଆଣିଲେ ଉପରିସ୍ଥ ଅଧିକାରୀଙ୍କ ପାଖେର ଏନେଇ ଅଭିଯୋଗ କରାଯିବ ବୋଲି ବଳବନ୍ତରାୟ ଚେତାବନୀ ଦେଇଛନ୍ତି।

# ଯାଜପୁର ବରିଷ୍ଠ ନାଗରିକ ସଂଘର ମାସିକ ବୈଠକ




ବୈଠକରେ ଯୋଗଦେଇଥିବା ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା ।

ଯାଜପୁର ଟାଉନ,୨୭।୧୦
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବରିଷ୍ଠ ଭବନରେ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ଉପସଭାପତି ଉଦୟନାରାୟଣ ପରିଡ଼ାଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ କରାଯାଇଥିଲା। ସଭାପତି କାଳୀପୂଜା ଅବସରରେ ସମସ୍ତ ବରିଷ୍ଠ ନାଗରିକଙ୍କୁ ଅଭିନନ୍ଦନ ଜଣାଇ ମା'କାଳୀଙ୍କ ଆଶିଷ ଭିକ୍ଷା କରିଥିଲେ। ଅବସରପ୍ରାପ୍ତ ସଭାପତି ତଥା ପ୍ରାକ୍ତନ ପୋଲିସ ଅଧିକାରୀ ଗଦାଧର ରାଉତ ଏବଂ ଅବସରପ୍ରାପ୍ତ ଉପସଭାପତି ଧନଞ୍ଜୟ କେଶରୀ ରାଉତରାୟ ସମସ୍ତଙ୍କ ଶୁଭକାମନା କରିଥିଲେ। ବରିଷ୍ଠ ନାଗରିକ ସଭା ଗୃହକୁ ଯିବା ପାଇଁ ପାହାଚ, ଶୌଚାଳୟ, ଜଳ ଯୋଗାଣ ବ୍ୟବସ୍ଥା ପାଇଁ ଜିଲାପାଳ ବିଭାଗୀୟ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଥିବାରୁ ଜିଲାପାଳଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ସଭାରେ ବରିଷ୍ଠ ସଦସ୍ୟ ମଧୁସୂଦନ ମହାନ୍ତି, ନୃସିଂହ ଚରଣ ଜେନା, ବିଷ୍ଣୁ ଚରଣ ଲେଙ୍କା, ନିଷିଥ୍ କୁମାର ଦାସ, ଧୀରେନ୍ଦ୍ର କୁମାର ପରିଡ଼ା, ଅଭିମନ୍ୟୁ ରାଉତ, ମିହିର ରଞ୍ଜନ ନାୟକ, କୋଷାଧ୍ୟକ୍ଷ ଗୋପୀନାଥ ସେଠୀ ଉପସ୍ଥିତ ଥିଲେ। ସହସମ୍ପାଦକ ବୃନ୍ଦାବନ ମିଶ୍ର ଧନ୍ୟବାଦ ଦେଇଥିଲେ।

### ବଦଳିଲେ ବିଞ୍ଝାରପୁର ବିଡିଓ

ବିଞ୍ଝାରପୁର,୨୭।୧୦(ରାମକୃଷ୍ଣ ଦାସ): ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗ ଚିଠି ନଂ.୨୪୫୯୬/୨୪ ଅନୁଯାୟୀ ବିଞ୍ଝାରପୁର ବିଡିଓ ଦିବ୍ୟେନ୍ଦୁ ଦାସଙ୍କ ବଦଳି ହୋଇଛି। ସେ କଟକ ଜିଲାର ନିଶ୍ଚିତକୋଇଲି ବ୍ଲକକୁ ବିଡିଓ ହୋଇ ଯାଇଛନ୍ତି। ତାଙ୍କ ସ୍ଥାନକୁ ନୂଆପଡ଼ା ଜିଲା କୋମଣା ବ୍ଲକ୍‌ର ବିଡିଓ ହିତାଂଶୁ ଶେଖର ସାମଲ ଆସୁଥିବା ଜଣାପଡ଼ିଛି।

### ସାହିତ୍ୟ ପତ୍ରିକା 'ବର୍ତ୍ତିକା' ଉନ୍ମୋଚିତ

ଝୁମ୍ପୁରୀ,୨୭।୧୦(ସରୋଜ ନାୟକ):

ଦଶରଥପୁର ବ୍ଲକ୍‌ର ଅଗ୍ରଣୀ ସାହିତ୍ୟ ସଙ୍ଗଠନ ସାରସ୍ୱତ ସାହିତ୍ୟ ସାଂସ୍କୃତିକ ପରିଷଦର ମୁଖପତ୍ର 'ବର୍ତ୍ତିକା'ର ପୂଜା ସଂଖ୍ୟା ଉନ୍ମୋଚିତ ହୋଇଯାଇଛି। ପରିଷଦର ସଭାଗୃହରେ ଅନୁଷ୍ଠାନ ଉପଦେଷ୍ଟା ପ୍ରଫୁଲ୍ଲ ଚନ୍ଦ୍ର ସାମଲ ଏହାର ଉନ୍ମୋଚନ କରିଛନ୍ତି। ବର୍ତ୍ତିକାର ମୁଖ୍ୟ ସମ୍ପାଦକ ଡ. ବିଜୟ ମୋହନ ରାୟ ଏହି ପତ୍ରିକା ବିଷୟରେ ସମ୍ୟକ ସୂଚନା ଦେଇଥିଲେ। ମୁଖ୍ୟ ଅତିଥିଭାବେ ସାହିତ୍ୟିକ ଡ. ଶ୍ରୀହରି ଧଳ ଯୋଗଦେଇ ଏହି ପତ୍ରିକାର ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷାବିତ୍ ବିଦ୍ୟୁତ୍‌ଲତା ଦାସ, ଡ. ବାସୁଦେବ ମିଶ୍ର ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଏକ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଅଧ୍ୟାପକ ସୁବ୍ରତ ଦାସ ଓ ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପୃଷ୍ଟିଙ୍କ ସହ ଶତାଧିକ କବି ଯୋଗଦେଇ କବିତା ପାଠ କରିଥିଲେ। ଆଶିଷ ମହାପାତ୍ର, ଦେବେନ୍ଦ୍ର ଦାସ, ଗୌରାଙ୍ଗ ଚରଣ ବେହେରା, ଲକ୍ଷ୍ମୀଧର ତରାଇ ପ୍ରମୁଖ ସହଯୋଗ କରିଥିଲେ। ସଂସଦର ସମ୍ପାଦକ ଅଧ୍ୟାପକ ରବିନାରାୟଣ ଦାସ ଧନ୍ୟବାଦ ଦେଇଥିଲେ।

# ଚାଷଜମିକୁ ଖଣି ପାଣି: ଆନ୍ଦୋଳନକୁ ଓହ୍ଲାଇବେ ଚାଷୀ

ଖଇରା, ୨୭।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରୀଶୁଆ ପାହାଡରେ ଖଣି ବ୍ୟବସାୟୀମାନେ ନିଜ ଖଣିଗାତରେ ଭର୍ତ୍ତି ବର୍ଷା ପାଣିକୁ ମେଶିନରେ ବାହାର କରି ଖଣି ସଂଲଗ୍ନ ଚାଷଜମିକୁ ଛାଡୁଛନ୍ତି। ଯେଉଁଥିପାଇଁ ଗୁଆପାଳ, କଦଳୀଗଡିଆ, ଗଗୁଆ ଗ୍ରାମର ଚାଷୀଙ୍କର ୫୦ଏକରରୁ ଉର୍ଦ୍ଧ୍ୱ ଚାଷଜମିରେ ଧାନଗଛ ପଚି ନଷ୍ଟ ହେବାକୁ ବସିଲାଣି। ଖଣି ବ୍ୟବସାୟୀଙ୍କ ଚାଷୀ ମାରଣନୀତିକୁ ନେଇ ଶତାଧିକ ଚାଷୀ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଅବଗତ କରାଇଛନ୍ତି। ତୁରନ୍ତ ଜମିକୁ ପାଣି ଛଡା କାମ ବନ୍ଦ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚାଷୀ ବିଶ୍ୱନାଥ ମହାପାତ୍ର, କାସିନ ସ, ବାବାଜୀ ସ, ବସନ୍ତ ସ ଓ କାଳିଆ ସ ପ୍ରମୁଖ ପ୍ରକାଶ କରିଛନ୍ତି। ଖଣି ବ୍ୟବସାୟୀମାନେ ନିୟମ ଉଲ୍ଲଂଘନ କରି ୧୫ ଫୁଟ ଗଭୀରତାରୁ ପଥରଖୋଳି ବିକ୍ରି କରିବା ନେଇ ଅଭିଯୋଗ ହୋଇଆସୁଥିଲା। ଏବେ ବାତ୍ୟା ଦାନା ପରେ ପ୍ରବଳ ବର୍ଷା ପରେ ଏହି ଖଣି ଗାତଗୁଡ଼ିକ ପାଣି ଭର୍ତ୍ତି ହେବା ପରେ ଖଣି ବ୍ୟବସାୟୀମାନେ ବ୍ଲାଷ୍ଟି ପାଇଁ ବଡ ମେଶିନ ଲଗାଇ ଜଳ ନିଷ୍କାସନ କରି ଚାଷ ଜମିକୁ ଛାଡୁଥିବା ନେଇ ଅଭିଯୋଗ ହୋଇଛି।



ମେଶିନ ଲଗାଇ ଜଳ ନିଷ୍କାସନ କରାଯାଉଛି।

# ଗ୍ୟାସ୍ ସିଲିଣ୍ଡର ଜବତ

ବରୀ,୨୭।୧୦(ମହେନ୍ଦ୍ର ସ୍ୱାଇଁ):

ବରୀ ଅଞ୍ଚଳରେ ଦୀର୍ଘ ଦିନଧରି ବେଆଇନଭାବେ ଗ୍ୟାସ ସିଲିଣ୍ଡର ବିକ୍ରି ହେଉଛି। ବାତ୍ୟା ପାଇଁ ଅନେକ ସିଲିଣ୍ଡର ଗଚ୍ଛିତ ରଖାଯାଇ ଚଢ଼ା ଦରରେ ବିକ୍ରି କରାଯାଉଛି। ଏନେଇ ଅଭିଯୋଗ ହେବାପରେ ବରୀ ବ୍ଲକ୍ ଯୋଗାଣ ନିରୀକ୍ଷକ ସୂର୍ଯ୍ୟକାନ୍ତ ବେହେରା ବାଇଁଶିରିଆ ପଞ୍ଚାୟତର ଜାଗୁଲାଇ ପଡ଼ିଆଠାରେ ଥିବା ବଳରାମ ସାହୁଙ୍କ ଦୋକାନରେ ଚଢ଼ାଉ କରି ୪୦ ଗ୍ୟାସ ସିଲିଣ୍ଡର ଜବତ କରିଛନ୍ତି।

ବ୍ଲକ୍‌ର କମ୍ପଗଡଠାରେ ଏଚ୍‌ପି ଗ୍ୟାସ, ବାଲିଆଠାରେ ଭାରତ ଗ୍ୟାସ ଓ ଅଲିପୁରଠାରେ ଇଣ୍ଡିଆନ ଗ୍ୟାସର ଡିପୋ ରହିଛି। ଏହି ଡିପୋରୁ ବେଆଇନ ଭାବେ ବରୀ ଅଞ୍ଚଳର ବିଭିନ୍ନ ସ୍ଥାନକୁ ଗ୍ୟାସ ଯୋଗାଇ ଦିଆଯାଉଛି। ଦୀର୍ଘ ଦିନ ଧରି ଏହି କାରବାର ଚାଲୁ ରହିଥିଲେ ମଧ୍ୟ ଯୋଗାଣ ବିଭାଗ ଏକ୍ଷେତ୍ରରେ ନିରବଦ୍ରଷ୍ଟା ସାଜିଛି। ଫଳରେ ବହୁ ଉପଭୋକ୍ତା ଗ୍ୟାସ ସିଲିଣ୍ଡର ପାଇବାରୁ ବଞ୍ଚିତ ହେବା ସହ ବାଧ୍ୟ ହୋଇ ଚଢ଼ାଦରରେ ସିଲିଣ୍ଡର କିଣୁଛନ୍ତି। ଏତଦ୍‌ବ୍ୟତୀତ ଉଜ୍ଜ୍ୱଳା ଯୋଜନାରେ ବ୍ଲକରେ ବହୁ ଗରିବ ହିତାଧିକାରୀ ପ୍ରଥମଥର ମାଗଣାରେ ଗ୍ୟାସ ଭର୍ତ୍ତି ସିଲିଣ୍ଡର ପାଇବା ପରେ ପୁନର୍ବାର ଗ୍ୟାସ ରିଫିଲ୍ କରୁନାହାନ୍ତି। ସେମାନଙ୍କର ନାମ ତାଲିକାରେ ରହିବା ଯୋଗୁ ଡିପୋ ମାଲିକମାନେ ସେମାନଙ୍କ ନାମରେ ଥିବା ଗ୍ୟାସ ସିଲିଣ୍ଡରକୁ କଳାବଜାରରେ ବିକ୍ରି କରୁଛନ୍ତି। ଡିପୋରୁ ହଜାରହଜାର ଗ୍ୟାସ ସିଲିଣ୍ଡର ଅସ୍ଥାୟୀ ବ୍ୟବସ୍ଥାୟୀ ପ୍ରତିଷ୍ଠାନରେ ଚଢ଼ା ଦରରେ ବିକ୍ରି ହେବା ପଛରେ ଯୋଗାଣ ବିଭାଗ ସହିତ ବେପାରୀଙ୍କ ମଧୁଚନ୍ଦ୍ରିକା ରହିଛି ବୋଲି ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବ୍ଲକ୍ ଯୋଗାଣ ନିରୀକ୍ଷକ ସୂର୍ଯ୍ୟକାନ୍ତ ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

# ବିରଜା ସଂସ୍କୃତି, ପରମ୍ପରା ସୁରକ୍ଷା କମିଟି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ଯାଜପୁର ଟାଉନ,୨୭।୧୦
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ବିଭିନ୍ନ ସମସ୍ୟା ନେଇ ମା' ବିରଜା ସଂସ୍କୃତି ଓ ସୁରକ୍ଷା କମିଟି ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କୁ ପତ୍ରଦ୍ୱାରା ଅବଗତ କରାଯିବା ସହ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅନୁରୋଧ କରାଯାଇଛି। ଏନେଇ କମିଟି ପକ୍ଷରୁ ଏକ ବୈଠକ ସ୍ଥାନୀୟ ବିରଜା ହାଟ ଲକ୍ଷ୍ମୀ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିରଜା ମନ୍ଦିର ପରିସର ଓ ବାହାରେ ପୂର୍ବ ସରକାରଙ୍କ ସମୟରେ ନିଆଯାଇଥିବା ବିଭିନ୍ନ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ମୁଖ୍ୟତଃ ମନ୍ଦିର ବେଢା ବାହାରେ ମା'ଙ୍କ ଏକ ବିଶାଳ ପ୍ରତିମୂର୍ତ୍ତି ସ୍ଥାପନ କରିବା ସମ୍ପର୍କରେ କମିଟି ସଭ୍ୟମାନେ ବିଭିନ୍ନ ଯୁକ୍ତି ବଢ଼ିବା ସହ ଏହା ଶାସ୍ତ୍ର ବିରୋଧୀ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟପକ୍ଷରେ ମା'ଙ୍କ ଜମି ଉପରେ ଏହି ବିଶାଳ ପ୍ରତିମୂର୍ତ୍ତି ସ୍ଥାପନା ପାଇଁ ଦେବୋତ୍ତର କମିଶନ କିମ୍ବା ହିନ୍ଦୁ ଧର୍ମର ଶ୍ରେଷ୍ଠ ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଅନୁମତି ନିଆଯାଇନାହିଁ ବୋଲି ଅଭିଯୋଗ ହୋଇଛି। ସେହିପରି ମନ୍ଦିର ପରିସର ଏବଂ ମନ୍ଦିର ବାହାରେ ଏହି ପ୍ରକଳ୍ପ କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଏବଂ ଶାସ୍ତ୍ରୀୟ ପଣ୍ଡିତମାନଙ୍କ ସହ କୌଣସି ଆଲୋଚନା କରାଯାଇନାହିଁ ବୋଲି ଅଭିଯୋଗ ହୋଇଛି। ତେଣୁ ଏହି ସମସ୍ତ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରାଯିବା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହାଛଡ଼ା ଯାଜପୁର ଜିଲାର ବହୁ ପ୍ରାଚୀନ ବିରଜା ହାଟ ସ୍ଥାନାନ୍ତରକୁ କମିଟି ପକ୍ଷରୁ ବିରୋଧ କରାଯାଇଛି। ଏହି ହାଟ ସ୍ଥାନାନ୍ତର ହେଲେ ଚାଷୀ, ବେପାରୀ କ୍ଷତିଗ୍ରସ୍ତ ହେବେ। କେତେକ କୁଚକ୍ରୀ ଗୋଷ୍ଠୀ ଏହି ହାଟର ସ୍ଥାନାନ୍ତରକୁ ସମର୍ଥନ ଜଣାଇ ହାଟର ଗାରିମାକୁ ସବୁଦିନ ପାଇଁ ନଷ୍ଟ କରିଦେବାକୁ ଉଦ୍ୟମ କରୁଛନ୍ତି ବୋଲି ଦାବିପତ୍ରରେ ଦର୍ଶାଯାଇଛି।

# ବଜାରରେ ବିକ୍ରି ହେଉଛି ବଳକା ଫାଷ୍ଟଫୁଡ୍

କାଏମା,୨୭।୧୦(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ଅଞ୍ଚଳରେ ବ୍ୟବସାୟୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସେହି ଅନୁସାରେ ପ୍ରତ୍ୟେକ ଛକ, ବଜାରରେ ଫାଷ୍ଟଫୁଡ ଦୋକାନ ବଢ଼ିଚାଲିଛି। ବର୍ତ୍ତମାନର ଯୁବପିଢ଼ିଙ୍କ ପ୍ରିୟ ଖାଦ୍ୟ ଫାଷ୍ଟଫୁଡ କହିଲେ ଅତ୍ୟୁକ୍ତି ହେବନାହିଁ। ଏହାର ସୁଯୋଗ ନେଉଛନ୍ତି କେତେଜଣ ଲାଭଖୋର ବ୍ୟବସାୟୀ। ସେମାନେ ବଳି ପଡୁଥିବା ଖାଦ୍ୟକୁ ଗରମ କରି ଗରାଖଙ୍କୁ ବଢ଼ାଇ ଦେଉଛନ୍ତି। ଅନ୍ୟ କେତେଜଣ ବଳକା ଖାଦ୍ୟକୁ ଫ୍ରିଜରେ ରଖି ପୁଣିଥରେ ଛାଣି ବିକ୍ରି କରୁଛନ୍ତି।

ଧର୍ମଶାଳାର ଜାରକା, କାଏମା, ନରସିଂହପୁର, ମିର୍ଜାପୁର, କୋଟପୁର ଆଦି ଅଞ୍ଚଳରେ ମାଳମାଳ ଫାଷ୍ଟଫୁଡ ଦୋକାନ ରହିଛି। ମାତ୍ର ଅଧିକାଂଶ ଦୋକାନରେ ଫୁଡ ଲାଇସେନ୍ସ ନଥିବା ଅଭିଯୋଗ ହୋଇଛି। ଏହାମଧ୍ୟରୁ କାଏମାରେ କିଛି ପୁରୁଣା ଫାଷ୍ଟଫୁଡ ଦୋକାନୀ ଅତି ନିମ୍ନମାନର ଖାଦ୍ୟ ଦେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ କାର୍ତ୍ତିକ ମାସ ଚାଲିଥିବାରୁ ଫାଷ୍ଟଫୁଡ ଦୋକାନରେ ଆମିଷ ଖାଦ୍ୟର ବେପାର କମିଯାଇଛି। ଫଳରେ ଦୋକାନରେ ଦୈନିକ ପ୍ରସ୍ତୁତ କରାଯାଉଥିବା ଚିଲି ଚିକେନ, ଚିକେନ ପକୋଡା, ଅଣ୍ଡାରୋଲ ଭଳି ଅନେକ ଖାଦ୍ୟ ବହୁ ସମୟରେ ବଳକା ରହିଯାଉଛି। ଏହାକୁ ଡଷ୍ଟବିନ୍‌ରେ ଫିଙ୍ଗିଦେବା ପରିବର୍ତ୍ତେ କେତେଜଣ ଲାଭଖୋର ବ୍ୟବସାୟୀ ଗରମ କରି ଗ୍ରାହକଙ୍କୁ ପରଷି ଦେଉଥିବା ଅଭିଯୋଗ ହେଉଛି। ସେହିପରି ବିଭିନ୍ନ ଫୁଡ ଷ୍ଟଲର ସ୍ୱଚ୍ଛତା ଓ ଅପମିଶ୍ରଣକୁ ନେଇ ପ୍ରଶ୍ନଉଠିଛି। ଅନ୍ୟପକ୍ଷରେ ବିନା ଲାଇସେନ୍ସରେ ଫୁଡ ଷ୍ଟଲ ଖୋଲିଲେ ଅପରାଧିକ ମାମଲା ରୁଜୁ ହେବା ନିୟମ ରହିଥିଲେ ବି ଏହି ଅଞ୍ଚଳରେ ନିୟମକୁ କେହି ମାନୁ ନ ଥିବା ଦେଖିବାକୁ ମିଳୁଛି। ଏସବୁ ଖାଦ୍ୟର ମାନ ଯାଞ୍ଚ କରିବା ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟ ହୋଇଥିଲେ ବି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି। ଫଳରେ ଟଙ୍କାଦେଇ ଲୋକେ ଖାଦ୍ୟ ନାଁରେ ରୋଗ କଣୁଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଯାଜପୁର ଖାଦ୍ୟ ନିରାପତ୍ତା ଅଧିକାରୀ ରାକେଶ କୁମାର ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ଯେଉଁମାନେ ନିୟମ ଉଲ୍ଲଘଂନ କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ କେନ୍ଦ୍ରାପଡ଼ା ଜିଲା ପଛୁଆ

**କେନ୍ଦ୍ରାପଡ଼ା,୨୭।୧୦ (ଜଗନ୍ନାଥ ଧଳ)**

- ସ୍ଥାନାନ୍ତର, ସାମାନ୍ୟ କ୍ଷତି ଭରଣାରେ ସୀମିତ
- ବାତ୍ୟା, ସୁନାମିରୁ ରକ୍ଷା ପାଇଁ ନାହିଁ ହେନ୍ତାଳବଣ
- ବନ୍ୟା ବିପତ୍ତିରୁ ଉଦ୍ଧାର ପାଇଁ ନାହିଁ ବନ୍ଧବାଡ଼

କେନ୍ଦ୍ରାପଡ଼ା ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ଜିଲା। ସାମୁଦ୍ରିକ ଝଡ଼, ସୁନାମି, ବନ୍ୟା ସହ ମରୁଡ଼ି ବିପଦ ଅଛି। ଏହି ପ୍ରାକୃତିକ ବିପର୍ଯ୍ୟୟର ନିରାକରଣ ଓ ପରିଚାଳନା କ୍ଷେତ୍ରରେ ଏହି ଜିଲା ପଛୁଆ ହେତୁ ଧନଜୀବନ ନଷ୍ଟ ହେଉଛି। ବନ୍ୟା ବିପତ୍ତିରୁ ଉଦ୍ଧାର ପାଇଁ ବନ୍ଧବାଡ଼ ଉପଯୁକ୍ତ ମାତ୍ରାରେ ନାହିଁ। ରାଜନଗର, ଆଳି ଓ ରାଜକନିକା ବ୍ଲକ ଅଞ୍ଚଳରେ କ୍ଷେତକୁ ଜଳସେଚନ ପାଇଁ କେନାଲ ନାହିଁ। ଜିଲାର ବହୁଦିନର ଦାବି ଉପକୂଳ କେନାଲ ଖୋଳିବା ପ୍ରତି ଆଗ୍ରହ ନାହିଁ। ବାତ୍ୟା 'ଦାନା' ଓ ସୁନାମି ପରି ବିପର୍ଯ୍ୟୟକୁ ପରିଚାଳନା ପାଇଁ ଜିଲାର ୨୯ କିମି ତଟରେ ସୁରକ୍ଷା ପ୍ରାଚୀର ଭାବେ ପରିଚିତ ହେନ୍ତାଳ ବଣର ଆବଶ୍ୟକତା ଅଛି। ୧୯୯୯ ମହାବାତ୍ୟାର ୨୫ ବର୍ଷ ପରେ ମଧ୍ୟ ଏଥିପ୍ରତି ପ୍ରଶାସକ ଅଥବା ରାଜନେତା ସଚେତନ ହୋଇନାହାନ୍ତି। ସାମୁଦ୍ରିକ ଝଡ଼ ପୂର୍ବରୁ ଉପାନ୍ତ ଅଞ୍ଚଳରୁ ଲକ୍ଷାଧିକ ଲୋକଙ୍କୁ ସ୍ଥାନାନ୍ତର ଓ ରିଲିଫ୍ ବଣ୍ଟନରେ ସୀମିତ ରଖାଯାଉଥିବାବେଳେ ବନ୍ୟା ପରିସ୍ଥିତିରେ ଜିଲାର ୫୫ ଗ୍ରାମ ଜଳବନ୍ଦୀ ହେଉଛି ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି, ମନୋଜ କୁମାର ନାୟକ, ଚିତ୍ତରଞ୍ଜନ ସାହୁ, ସାମାଜିକ କର୍ମୀ ଗୌତମ କୁମାର ବେହେରା, ସୁନୀଲ କୁମାର ଗନ୍ତାୟତ, ବାନାମ୍ବର ସାହୁ ପ୍ରମୁଖ କହିଛନ୍ତି, ପ୍ରାକୃତିକ ବିପର୍ଯ୍ୟୟର ଭୟାବହତା ପ୍ରତି ପ୍ରଶାସକ ଅଥବା ରାଜନେତା ସଚେତନ ନାହାନ୍ତି। ବନ୍ୟା ଓ ବାତ୍ୟା ସମୟରେ ଅଞ୍ଚଳବାସୀଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ଏବଂ ରିଲିଫ୍ ବଣ୍ଟନରେ ସେମାନଙ୍କ କାର୍ଯ୍ୟ ସୀମିତ ରହିଛି। ୧୯୯୯ ମହାବାତ୍ୟାରେ ଏହି ଜିଲାରେ ୩୧୭ଜଣଙ୍କ ମୃତ୍ୟୁ ହୋଇଥିବା ସରକାରୀ ତଥ୍ୟ ପ୍ରକାଶ ପାଇଥିବାବେଳେ ବାସ୍ତବରେ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଛି। ସେହିପରି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଜିଲାବାସୀ ପ୍ରତିବର୍ଷ ଜୀବିକା ହରାଉଛନ୍ତି। 'ଦାନା' ପ୍ରଭାବ ବର୍ଷା ପଟ୍ଟାମୁଣ୍ଡାଇ ବ୍ଲକର ଧୋୟାଅଞ୍ଚଳକୁ ଗତ


ସାତଭାୟା ବରାହୀପୁରଠାରେ ସମୁଦ୍ର ଜୁଆର ମାଡ଼ରେ ତଟକ୍ଷୟ ହୋଇ ଝାଉଁ ଉପୁଡ଼ି ପଡୁଛି।

୨ଦିନ ଧରି ଜଳବନ୍ଦୀ କରିଥିବାବେଳେ ରାଜନଗର ଓ ମହାକାଳପଡ଼ା ଅଞ୍ଚଳର ବହୁ ଗ୍ରାମରେ ନଦୀନାଳ ପାଣି ପଶିଯାଇଛି। ଜିଲାର ତଳମୁଣ୍ଡରେ ଥିବା ୫୫ ଗ୍ରାମ ନିକଟରେ ନଦୀବନ୍ଧ ନ ଥିବାରୁ ବନ୍ୟା ସମସ୍ୟା ଗୁରୁତର ରୂପ ନେଉଛି। ସେହିପରି ସମୁଦ୍ରର ଅଶାନ୍ତ ଜୁଆରକୁ ହେନ୍ତାଳ ବଣ ପ୍ରତିହତ କରିପାରିବ। ତଟାଞ୍ଚଳରୁ ୧୦କିମି ପର୍ଯ୍ୟନ୍ତ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ସହ ସ୍ଥାନୀୟ ଲୋକଙ୍କ ଅନ୍ୟତ୍ର ଥଇଥାନ ଆବଶ୍ୟକ। ଏଥିସହ ଜିଲାର ୪୮କି.ମି. ସମୁଦ୍ର ତଟାଞ୍ଚଳକୁ ୧୦ କି.ମି. ଅଞ୍ଚଳରେ ହେନ୍ତାଳବଣ ସୃଷ୍ଟି ହୋଇପାରିଲେ ସାମୁଦ୍ରିକ ଝଡ଼ ଓ ସୁନାମି ପରି ପ୍ରାକୃତିକ ବିପର୍ଯ୍ୟୟରୁ ନିସ୍ତାର ମିଳିବ। ବାତ୍ୟା ଦାନା ଗତ ୨୪ ତାରିଖରେ ଉପକୂଳ ଛୁଇଁଥିଲା। ରାଜନଗର ଓ ମହାକାଳପଡ଼ା ବ୍ଲକ ଅଞ୍ଚଳରେ ପ୍ରାୟ ୧୦୦ରୁ ୧୨୦ କିମି ପବନ ଘଣ୍ଟା ପ୍ରତି ବହିଥିଲା। ଏହାର ବେଗ ୧୮୫ କିମିକୁ ବୃଦ୍ଧି ପାଇଥିଲେ ବହୁ ମୃତାହତ ହେବା ସହିତ ତଟରକ୍ଷା ଏକ ପ୍ରଶ୍ନବାସୀ ସୃଷ୍ଟି କରିଥାନ୍ତା। ଅପରପକ୍ଷେ ଏହି ବାତ୍ୟା ପ୍ରକୋପର ସୁରକ୍ଷା ଦୃଷ୍ଟିରୁ ଜିଲାର ଲକ୍ଷାଧିକ ଲୋକଙ୍କୁ ବାସସ୍ଥାନରୁ ଆଶ୍ରୟସ୍ଥଳକୁ ନିଆଯାଇଥିଲା। ଶୁଖିଲା ଓ ରନ୍ଧାଖାଦ୍ୟ ପ୍ରଦାନ, ପାନୀୟ ଜଳ ବ୍ୟବସ୍ଥାଠାରୁ ଆରମ୍ଭ କରି ବହୁ ଉଦ୍ଧାରକାରୀ ଦଳ ନିୟୋଜିତ ହେବା ସହ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କ ନେତୃତ୍ୱରେ ପରିଚାଳନା କରାଯାଇଥିଲା। ତେବେ ସମସ୍ୟାର ମୂଳ କାରଣ ଖୋଜିବା ଓ ଏହାର ନିରାକରଣ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ଜିଲାର ୭ ନଦୀ ଓ ୨୭ ନାଳ ଥିଲେ ମଧ୍ୟ କ୍ଷେତକୁ ଜଳ, ପାନୀୟ ଜଳ ଯୋଗାଣ ହୋଇପାରୁ ନ ଥିବା କ୍ଷୋଭର ବିଷୟ ବୋଲି ସେମାନେ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଏଡିଏମ୍ ନିଲୁ ମହାପାତ୍ରଙ୍କୁ ପଚାରିବାରେ ଉପାନ୍ତ ଅଞ୍ଚଳରେ ନଦୀବନ୍ଧ ଓ ଜାତୀୟ ଉଦ୍ୟାନ ମଧ୍ୟରେ ଅଧିକ ହେନ୍ତାଳ ବଣ ସୃଷ୍ଟି ଯୋଜନାକୁ ଗୁରୁତ୍ୱ ଦିଆଯାଇଛି। ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି ବୋଲି ସେ କହିଛନ୍ତି।

# ଚିଙ୍ଗୁଡ଼ି ଘେରିରୁ ବଉଳା କୁମ୍ଭୀର ଉଦ୍ଧାର



**ରାଜକନିକା, ୨୭।୧୦(ସଞ୍ଜୟ କୁମାର ଦାଶ)**

ବାତ୍ୟା ଦାନା ପ୍ରଭାବରେ ସମୁଦ୍ର ଜୁଆର ଉଠିବା ଦ୍ୱାରା ସମୁଦ୍ର ସଂଲଗ୍ନ ନଦୀଗୁଡ଼ିକର ଜଳ ପତନ ବଢ଼ିଛି। ଏହା ପ୍ରଭାବରେ ଏକ ବଉଳା କୁମ୍ଭୀର ନଦୀରୁ ପୋଖରୀକୁ ବାହାରି ଆସିଛି। ମିଳିଥିବା ସୂଚନା ମୁତାବକ, ରାଜକନିକା ବ୍ଲକ ଖୁଣ୍ଟା ଗାଁର ସୁକାନ୍ତ ବିଶ୍ୱାଳଙ୍କ ଥିବା ଚିଙ୍ଗୁଡ଼ି ଘେରିରେ ଏକ କୁମ୍ଭୀରକୁ ଶନିବାର ସକାଳେ ଭାସୁଥିବା ଦେଖିବାକୁ ମିଳିଥିଲା। ପରେ ବନ ବିଭାଗକୁ ଖବର ଦିଆଯାଇଥିଲା। ଖବର ପାଇ ବନ ବିଭାଗ କର୍ମଚାରୀ ୮ ଘଣ୍ଟା ପରିଶ୍ରମ ପରେ ଏକ ୧୪ ଫୁଟ ୨ ଇଞ୍ଚ ଲମ୍ବର ବଉଳା କୁମ୍ଭୀରକୁ ଉଦ୍ଧାର କରିଥିଲେ। ବାତ୍ୟା ଦାନା ପ୍ରଭାବରେ କୁମ୍ଭୀରଟି ଘେରିକୁ ଆସିଥିବା ବନ ବିଭାଗ କର୍ମଚାରୀ କହିଛନ୍ତି। ବନ ବିଭାଗ କର୍ମଚାରୀମାନେ ଅପରାହ୍ନ ୨ଟାରୁ କୁମ୍ଭୀର ଧରିବାକୁ ଜାଲ ବିଛାଇଥିଲେ ବି ବଡ଼ ପୋଖରୀ ଥିବାରୁ ୮ ଘଣ୍ଟା ସମୟ ଲାଗିଥିବା କର୍ମଚାରୀ କହିଥିଲେ। ରାତି ୧୦ଟାରେ ବାଉଳା କୁମ୍ଭୀରକୁ ଧରିଥିଲେ। କୁମ୍ଭରକୁ ଧରାଯିବା ପରେ ଭିତରକନିକା ଅଞ୍ଚଳକୁ ନିଆଯାଇଥିବା ଖୋଳା ସେକ୍ସନର ଫରେଷ୍ଟର ନବୀନ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

# ବାତ୍ୟା ବିପନ୍ନ ଅଞ୍ଚଳ ବୁଲିଲେ ବିଧାୟକ



**ପଟ୍ଟାମୁଣ୍ଡାଇ,୨୭।୧୦ (କଳ୍ପତରୁ ନାୟକ)**

ବାତ୍ୟା ଯୋଗୁ କେନ୍ଦ୍ରାପଡ଼ା ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହା ଆକଳନ ପରେ ଜଣାପଡ଼ିବ। ରବିବାର ଅପରାହ୍ନରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନରସିଂହପୁର, ଡିହାପଡ଼ା, ବାଲିପାଟଣା, ବଡ଼ମୂବସନ୍ତ ଓ ନୀଳକଣ୍ଠପୁର ଆଦି ପଞ୍ଚାୟତ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ସେ ଲୋକମାନଙ୍କ ସହିତ ମିଶି ତାଙ୍କର ଭଲମନ୍ଦ କଥା ପଚାରି ବୁଝିଥିଲେ। ବାତ୍ୟାରେ ଯେଉଁ ଲୋକମାନଙ୍କର ଘର ଭାଙ୍ଗିଛି ତାଙ୍କୁ ଘର ଯୋଗାଇ ଦେବା ପାଇଁ ଓ ବର୍ଷାରେ କ୍ଷତି ହେଇଥିବା ବିଭିନ୍ନ ପ୍ରକାର ଚାଷକୁ ଆକଳନ କରି କ୍ଷତି ପୂରଣ ଦେବାକୁ ସେ ସରକାରଙ୍କ ପାଖରେ ଦାବି ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ପଟ୍ଟାମୁଣ୍ଡାଇ ବିଡିଓଙ୍କୁ ବାତ୍ୟା ପୀଡ଼ିତ ଲୋକମାନେ କିପରି ସରକାରୀ ରିଲିଫ୍ ଓ ସାହାଯ୍ୟ ପାଇବେ ସେଥିପ୍ରତି ଧ୍ୟାନ ଦେବାକୁ କହିଥିଲେ।

# ଶ୍ରୀଜୀଉଙ୍କ ପାଇଁ କମ୍ ଅନୁଦାନ: ଶ୍ରଦ୍ଧାଳୁଙ୍କ କ୍ଷୋଭ

**କେନ୍ଦ୍ରାପଡ଼ା,୨୭।୧୦ (ଜଗନ୍ନାଥ ଧଳ)**

ରାଜ୍ୟର ବିଭିନ୍ନ ଆଧାତ୍ମ୍ୟ କ୍ଷେତ୍ରକୁ ଭୁବନେଶ୍ୱରସ୍ଥ ଏଣ୍ଡାଉମେଣ୍ଟ କମିଶନର ମାଧ୍ୟମରେ ରାଜ୍ୟ ସରକାର ୨୪ ତାରିଖରେ ଆର୍ଥିକ ଅନୁଦାନ ଯୋଗାଇ ଦେଇଛନ୍ତି। ଆଇନ ବିଭାଗର ଚିଠି ନଂ. ୧୪୮୭୪ ଅନୁଯାୟୀ ମୋଟ ୧,୮,୩୦,୦୦୦ ଟଙ୍କା ବ୍ୟବସ୍ଥା ହୋଇଛି। ତେବେ କେନ୍ଦ୍ରାପଡ଼ା ସହର ଇଚ୍ଛାପୁରସ୍ଥ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ପର୍ବପର୍ବାଣି ଖର୍ଚ୍ଚ ଅନୁଦାନକୁ ପୂର୍ବବର୍ଷଠାରୁ ବହୁଗୁଣରେ କମ ଟଙ୍କା ବ୍ୟୟ ବରାଦ ହୋଇଛି। ଫଳରେ ଜିଲାର ଶ୍ରଦ୍ଧାଳୁମାନେ ଏଥିରେ କ୍ଷୋଭ ପ୍ରକାଶ ସହିତ ରାଜ୍ୟ ସରକାରଙ୍କ ଏପରି ମନଭାବ ଠିକ୍ ନୁହେଁ ବୋଲି ଆଲୋଚନା କରୁଛନ୍ତି। ସ୍ଥାନୀୟ ଅଞ୍ଚଳର ରାଜେଶ ବେହେରା, ପ୍ରଶାନ୍ତ କୁମାର ନାୟକ, ରାଧାକାନ୍ତ ମହାନ୍ତି, ସୁଶାନ୍ତ କୁମାର ନାୟକ, ବୀରେନ କୁମାର ଦାସ କହିଛନ୍ତି, ଜିଲାର ଏହି ଆଧାତ୍ମ୍ୟ କ୍ଷେତ୍ରକୁ ବହୁ ଶ୍ରଦ୍ଧାଳୁ ଆସିଥାନ୍ତି। ବର୍ଷ ସାରା ପର୍ବପର୍ବାଣି ଚାଲୁଥିବାବେଳେ ଏହାର ଖର୍ଚ୍ଚ ପାଇଁ ସରକାରୀ ଓ ବେସରକାରୀ ଦାତାଙ୍କ ଆବଶ୍ୟକ ପଡ଼େ। ପ୍ରତିବର୍ଷ ରଥଯାତ୍ରା ପାଇଁ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଛି। ପୁରୀରେ ରଥଯାତ୍ରା ପାଇଁ ଆବଶ୍ୟକ କାଠ ରାଜ୍ୟ ସରକାର ଯୋଗାଉଥିବା ବେଳେ ତୁଳସୀକ୍ଷେତ୍ରର ରଥଯାତ୍ରାର କାଠଠାରୁ ସମସ୍ତ ଭିତ୍ତିଭୂମି ଆବଶ୍ୟକ ସାମଗ୍ରୀ ଟ୍ରଷ୍ଟ ପକ୍ଷରୁ କ୍ରୟ କରାଯାଏ। ପୂର୍ବ ବର୍ଷଗୁଡ଼ିକରେ ରଥଯାତ୍ରା ଖର୍ଚ୍ଚ ପାଇଁ ୧୦ଲକ୍ଷ ଟଙ୍କା ଆସୁଥିଲା। ଚଳିତବର୍ଷ ଏହାକୁ ମାତ୍ର ୫ ଲକ୍ଷରେ ସୀମିତ ରଖାଯାଇଛି। ସେହିପରି ଜିଲାର ଅନ୍ୟ ଆଧାତ୍ମ୍ୟ କ୍ଷେତ୍ର ପାଇଁ ଅନୁଦାନ ଅର୍ଥ ବ୍ୟୟବରାଦ ବହୁ କମ୍ ରହିଥିବା ନେଇ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି।

# କାଣୀନଦୀ ପଠାରୁ ଶହେ ମିଟର ଅତଡ଼ା ଧସିଲା


କାଣୀନଦୀ ପଠାରୁ ଶହେ ମିଟର ଅତଡ଼ା ଧସିଛି।

- ହଜିଯିବକି ପଦନୀପାଳ ପଞ୍ଚାୟତର ୩ ଗାଁ
- ଭିଟାମାଟି ସୁରକ୍ଷା ଚିନ୍ତାରେ ପଞ୍ଚାୟତବାସୀ

**ଆଳି, ୨୭।୧୦(ବନମାଳୀ ସେନାପତି)**

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ କାଣୀ ନଦୀ କୂଳ ଲଘି ଗାଁ ଆଡ଼କୁ ମାଡ଼ି ଆସୁଛି। ବାତ୍ୟା ଦାନା ପ୍ରଭାବରେ ପ୍ରାୟ ନଦୀର ପଠାରୁ ଶହେ ମିଟର ଅତଡ଼ା ଧସିବା ପରେ ପଦନୀପାଳ ପଞ୍ଚାୟତବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଦୀର୍ଘଦିନ ବାହ୍ୟଜଗତ ସହ ବିଚ୍ଛିନ୍ନ ରହୁଥିବା ପଦନୀପାଳବାସୀଙ୍କ ପାଇଁ ନୂତନ ସେତୁ ନିର୍ମାଣ ହେବା ପରେ ପୁଣି କାଣୀ ନଦୀ ବିପଦ ପାଲଟିଛି।

ପଦନୀପାଳ ପଞ୍ଚାୟତରେ ପଦନୀପାଳ, ଶାସନ, ଦୈତାରୀପୁର ୩ଟି ଗ୍ରାମର ପ୍ରାୟ ୮ ହଜାର ଲୋକ ବସବାସ କରିଥାନ୍ତି। ସ୍ୱାଧୀନତାର ଦୀର୍ଘବର୍ଷ ଧରି ଏହି ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ରହିଥିବାବେଳେ ଖରସ୍ରୋତା ଓ କାଣୀ ନଦୀ ଘେରରେ ଏହି ପଞ୍ଚାୟତବାସୀ ରହିଥିଲେ। ନଦୀରେ ଡଙ୍ଗା ପାର ହୋଇ ଯାତାୟାତ କରୁଥିବା ପଦନୀପାଳ ଅଞ୍ଚଳକୁ ଏକ ସେତୁ ହେବା ପରେ ସେମାନଙ୍କର ଦୁଃଖ ଦୂର ହୋଇଥିଲା। ଏବେ ପୁଣି ସେମାନଙ୍କ ପାଇଁ କାଣୀ ନଦୀ ବିପଦ ସାଜିଛି। କାଣୀ ନଦୀର ପଠା ଅତଡ଼ା ଖାଉଥିବାରୁ ନଦୀ କୂଳରେ ଥିବା ଶହ ଶହ ଏକର ଚାଷ ଜମି ନଦୀ ଗର୍ଭରେ ଲୀନ ହୋଇ ଗାଁ ପାଖକୁ ଚାଲି ଆସିଲାଣି। ବାତ୍ୟା ଦାନା ପ୍ରଭାବରେ ୩ ଦିନର ଲଗାଣ ବର୍ଷା ଓ ନଦୀ ଜୁଆରରେ ପ୍ରାୟ ଶହେ ମିଟର ପଠା ଅତଡ଼ା ଧସିଛି। ପଦନୀପାଳ ପଞ୍ଚାୟତବାସୀଙ୍କ ମୁଖ୍ୟ ଗମନାଗମନ ଲାଗି ଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାଠାରୁ ମାତ୍ର ଅଳ୍ପ ଦୂରରେ ନଦୀ ରହିଛି। ରାସ୍ତା ପାଖରୁ ନଦୀର ଦୂରତା କମି ଆସୁଥିବାରୁ ଆତଙ୍କିତ ଅବସ୍ଥାରେ ୩ ଗାଁର ବାସିନ୍ଦା ରହିଛନ୍ତି। ନଦୀ କିଛିବର୍ଷ ପୂର୍ବେ ୫୦୦ ମିଟର ଦୂରରେ ଥିବାବେଳେ ଧୀରେ ଧୀରେ ଏବେ ଗାଁ ପାଖରେ ପହଞ୍ଚି ଲାଣି। ଗ୍ରାମବାସୀ ନଦୀ ଗ୍ରାସରୁ ଚାଷ ଜମି ଓ ଗାଁକୁ ସୁରକ୍ଷା ଦେବା ପାଇଁ ଆଳି ତଟବନ୍ଧ ବିଭାଗ ନିକଟରେ ବାରମ୍ବାର ଗୁହାରି କରିବା ସତ୍ତ୍ୱେ ବିଭାଗ କର୍ଣ୍ଣପାତ କରୁନାହିଁ। ଏପରିକି ନଦୀ ଯଦି ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ନଦୀ ଗର୍ଭକୁ ଟାଣିନିଏ ତେବେ ୩ ଟି ଗାଁର ଅବସ୍ଥା କ'ଣ ହେବ ତାହା କହିବା ଅସମ୍ଭବ ବୋଲି ଗ୍ରାମର ବସନ୍ତ କୁମାର ମହାନ୍ତି, ଗଙ୍ଗାଧର ଦାସ, ଶ୍ରୀକାନ୍ତ ରାୟ, ସ୍ୱରାଜ୍ୟ ଜେନା, ଭଗବାନ ଜେନା, ମନୋରମା ଜେନା, ଭୋଳାନାଥ ମଲ୍ଲିକ ପ୍ରମୁଖ କହିଛନ୍ତି। ଏ ନେଇ ଆଳି ତଟବନ୍ଧ ବିଭାଗର ପ୍ରତିକ୍ରିୟା ମିଳିପାରନାହିଁ।

# ବେଡ଼ାରୀରେ ଅସୁସ୍ଥ ମେଣ୍ଢାଙ୍କ ଚିକିତ୍ସା ଆରମ୍ଭ

**ପାଟକୁରା,୨୭।୧୦(ରବୀନ୍ଦ୍ର ନାଥ ବାରିକ)**

**ଧରିତ୍ରୀର ପ୍ରଭାବ**

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକର ବେଡାରୀ ଗ୍ରାମରେ ୧୬ ମେଣ୍ଢା ମରିବା ଖବର ରବିବାର ଧରିତ୍ରୀରେ ପ୍ରକାଶ ପାଇବା ପରେ ପ୍ରଶାସନରେ ତତ୍ପରତା ପ୍ରକାଶ ପାଇଛି। ଗରଦପୁର ବ୍ଲକ ପ୍ରାଣୀଧନ ଚିକିତ୍ସକ ଡା. ଜ୍ୟୋତିରଦୀପ୍ତ ମହାନ୍ତିଙ୍କ ନେତୃତ୍ୱରେ ପ୍ରାଣୀ ଚିକିତ୍ସକ ଡା. ନିର୍ମାଲ୍ୟ ପତି, ପାଟକୁରା ପ୍ରାଣୀଧନ ନିରୀକ୍ଷକ କିଶୋର କୁମାର ମହାପାତ୍ର, ସହକାରୀ କର୍ମଚାରୀ ଯଯାତି କେଶରୀ ସାହୁ ଓ ମଙ୍ଗୁଳି ଚରଣ ସ୍ୱାଇଁ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ପ୍ରାଣଧନ ସେବା ଭ୍ୟାନରେ ଔଷଧପତ୍ର ଧରି ବେଡାରୀ ଗାଁରେ ସକାଳେ ପହଞ୍ଚିଥିଲେ। ପବିତ୍ର ବେହେରାଙ୍କ ଗୋଟିଏ ମୃତ ମେଣ୍ଢାର ବ୍ୟବଚ୍ଛେଦ କରିଥିଲେ। ଅସୁସ୍ଥ ଅବଶିଷ୍ଟ ୭୦ଟି ମେଣ୍ଢାଙ୍କର ଚିକିତ୍ସା କରିଥିଲେ। ଚିକିତ୍ସାରୁ ମେଣ୍ଢାଗୁଡିକ କୃମି ଓ ରକ୍ତହୀନତା ରୋଗରେ ଆକ୍ରାନ୍ତ ଥିବାରୁ ଖାଡ଼ା ହୋଇ ମରୁଛନ୍ତି ବୋଲି ଡା. ଜ୍ୟୋତିରଦୀପ୍ତ ମହାନ୍ତି ସୂଚନା ଦେଇଥିଲେ। ମେଣ୍ଢା ପାଳକମାନେ ପ୍ରାଣୀଧନ ଚିକିତ୍ସାଳୟକୁ ନ ଆସି ଗ୍ରାମରେ ବୁଲୁଥିବା ଅନଭିଜ୍ଞ ଲୋକଙ୍କଠାରୁ ଔଷଧ ଆଣି ଦେଉଥିବାରୁ ଏପରି ଅବସ୍ଥା ହୋଇଛି ବୋଲି କହିଥିଲେ। ପରେ ସାଲାଇନ, ଭିଟାମିନ, ଇଞ୍ଜେକ୍ସନ ଅସୁସ୍ଥ ମେଣ୍ଢାଙ୍କୁ ଦେଇଥିଲେ। ମଳୟ ବେହେରାଙ୍କ ଅସୁସ୍ଥ ମେଣ୍ଢାଗୁଡ଼ିକୁ ମଧ୍ୟ ଚିକିତ୍ସା କରିଥିଲେ। ତାଙ୍କର ୧୫ଟି ମେଣ୍ଢା ମରିଥିବାବେଳେ ପବିତ୍ର ବେହେରାଙ୍କର ୮ଟି ମେଣ୍ଢା ମରିଥିବା ଜଣାଯାଇଛି।

# ଘଡ଼ିଆମାଳ ଗାଁରେ ଲାଇନ ପାଇଁ ରାସ୍ତାରୋକୋ

**ରାଜନଗର, ୨୭।୧୦(ଭାସ୍କର ରାଉତରାୟ)**

ବାତ୍ୟା ପ୍ରଭାବରେ ରାଜନଗରରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବାତ୍ୟାର ୩ ଦିନ ପରେ ବି ଅଧିକାଂଶ ଅଞ୍ଚଳରେ ବିଦ୍ୟୁତ ସେବା ସ୍ୱାଭାବିକ ହୋଇପାରିନି। ଏହି ବ୍ଲକର ଘଡ଼ିଆମାଳ ପଞ୍ଚାୟତରେ ବାତ୍ୟାଠାରୁ କରେଣ୍ଟ ଆସିନି। ଟାଟା ପାୱାରର କର୍ମଚାରୀ ଗାଁରେ ବିଦ୍ୟୁତ କାମ କରିବା ପରିବର୍ତ୍ତେ ବେଆଇନ ଚିଙ୍ଗୁଡ଼ି ଘେରିରେ ବିଦ୍ୟୁତ୍ କାମ କରୁଥିଲେ। ଏହାର ପ୍ରତିବାଦରେ ଘଡ଼ିଆମାଳ ଛକରେ ଶତାଧିକ ଲୋକେ ବିଦ୍ୟୁତ୍ ବିଭାଗର ଏପରି କାମର ବିରୋଧ କରି ରାସ୍ତା ରୋକୋ କରିଥିଲେ। ଦୀର୍ଘ ୩ ଘଣ୍ଟା ଧରି ରାସ୍ତାରୋକୋ ଯୋଗୁ ଶହ ଶହ ଗାଡ଼ି ଅଟକି ରହିଥିଲା। ରାଜନଗର ଥାନା ଆଇଆଇସି ଅଜୟ କୁମାର ଜେନା ପହଞ୍ଚି ଆଲୋଚନା କରିବା ପରେ ଲୋକେ ବିଦ୍ୟୁତ୍ କାମ ଆରମ୍ଭ ହେଲେ ରାସ୍ତାରୋକୋରୁ ଉଠିବେ ବୋଲି କହିଥିଲେ। ବିଦ୍ୟୁତ୍ ବିଭାଗର ଏସଡିଓ ପହଞ୍ଚି କାମ ଆରମ୍ଭ କରିବା ପରେ ରାସ୍ତାରୋକୋ ହଟିଥିଲା।

# ବାତ୍ୟାରେ ମୃତକଙ୍କ ପରିବାରକୁ ଭେଟିଲେ ସୁରେଶ ରାଉତରାୟ


ମୃତକ ହେମାଳିଲତାଙ୍କ ପରିବାର ଲୋକଙ୍କୁ ସୁରେଶ ରାଉତରାୟ ଭେଟୁଛନ୍ତି।

**ରାଜନଗର, ୨୭।୧୦(ଭାସ୍କର ରାଉତରାୟ)**

ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ ରବିବାର ରାଜନଗର ବାତ୍ୟା ଅଞ୍ଚଳ ପରିଦର୍ଶନ କରି ବିପନ୍ନମାନଙ୍କୁ ଭେଟିଛନ୍ତି। ବାତ୍ୟାରେ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ତାଳଚୁଆ, ବାଘମାରି, କୃଷ୍ଣନଗର, ଖମାରସାହି, ଡାଙ୍ଗମାଳ ଆଦି ପଞ୍ଚାୟତରେ କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ। ବିପନ୍ନମାନଙ୍କୁ ରିଲିଫ ଖାଦ୍ୟପୁଡ଼ିଆ ବଣ୍ଟନ କରିଥିଲେ। ବାତ୍ୟାରେ ମୃତ୍ୟୁ ଘଟିଥିବା ଡାଙ୍ଗମାଳ ପଞ୍ଚାୟତ ବାଙ୍କୁଆଳ ଗାଁର ହେମାଳିଲତା ବେହେରାଙ୍କ ଘରେ ପହଞ୍ଚି ସମବେଦନା ଜଣାଇବା ସହ ତୁରନ୍ତ ମୃତକ ପରିବାରକୁ ସରକାର ସହାୟତା ଘୋଷଣା କରନ୍ତୁ ବୋଲି ଦାବି କରିଥିଲେ। ଖବରଦାତାଙ୍କୁ ସରକାର କହୁଛନ୍ତି କେହି ମରିନାହାନ୍ତି, କିନ୍ତୁ ୩ଜଣ ବାତ୍ୟାରେ ମରିଛନ୍ତି। ବିପନ୍ନ ଲୋକଙ୍କୁ ରିଲିଫ୍ ସହ ଚାଷୀଙ୍କୁ ଫସଲର କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି। ବାତ୍ୟାବେଳେ ଲୋକଙ୍କୁ ଶହେ ୨ଶହ ଗ୍ରାମ ଚୁଡ଼ା ଦେଇ ପ୍ରଶାସନ ଭଣ୍ଡାଇଛି। ରାଉତରାୟଙ୍କ ସହ କଂଗ୍ରେସ ନେତା ଚିନ୍ମୟ ସୁନ୍ଦର ଦାସ ଓ ଅନ୍ୟମାନେ ବାତ୍ୟା ଅଞ୍ଚଳ ଗସ୍ତ କରିଥିଲେ।

# ମା' ଗଜଲକ୍ଷ୍ମୀ ନେଲେ ମେଲାଣି

**ଡେରାବିଶ, ୨୭।୧୦(ବେବର୍ତ୍ତା ଅଜୟ ଦାସ)**

**ନିରାଡ଼ମ୍ବର ଭାବେ ଶେଷ ହେଲା ଛତା, ଓଲଡ଼ି ମେଳଣ**

ଡେରାବିଶ ବ୍ଲକ୍ ଅଞ୍ଚଳରେ ଗଣପର୍ବ ଭାବେ ପାଳିତ ହେଉଥିବା ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପବିତ୍ର ପୂଜା ଉପଲକ୍ଷେ ଅଞ୍ଚଳରେ କୁମାର ପୂର୍ଣ୍ଣିମାଠାରୁ ଦୀର୍ଘ ୯ ଦିନ ଧରି ଉତ୍ସବ ମୁଖର ହୋଇଥିଲା। ତେବେ ବ୍ଲକ ଅଧୀନ ବିଭିନ୍ନ ଗ୍ରାମରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ବାତ୍ୟା ପାଇଁ ବୁଧବାରଠାରୁ ଶେଷ ହୋଇଥିବାବେଳେ ଛତା ଓ ଓଲଡ଼ିର ରବିବାର ମା' ମେଲାଣି ନେଇଛନ୍ତି। ଶନିବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ଏହି ମେଳଣ ରବିବାର ସକାଳେ ଉଦ୍‌ଯାପିତ ହୋଇଛି। ଚଳିତବର୍ଷ ବାତ୍ୟାକୁ ଦୃଷ୍ଟିରେ ରଖି ଛତା ଓ ଓଲଡ଼ି ପୂଜା କମିଟିର କର୍ମକର୍ତ୍ତାମାନେ ନିରାଡ଼ମ୍ବର ଭାବେ ପାରମ୍ପରିକ ବାଦ୍ୟ, ସଂକୀର୍ତ୍ତନ ଓ ଘଣ୍ଟ ଶୋଭାଯାତ୍ରା ମଧ୍ୟରେ ମେଳଣସ୍ଥଳକୁ ଆସିଥିଲେ। ଏହି ଅବସରରେ ୫୩ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଛତା ବଟ ମହାପୁରୁଷଙ୍କ ପୀଠରେ ରବିବାର ପ୍ରାତଃରେ ଅନୁଷ୍ଠିତ ହୋଇଥିବା ମେଳଣରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମା' ଗଜଲକ୍ଷ୍ମୀଙ୍କ ମେଢ଼ ନିକଟରେ ଭୋଗ ଲାଗି କରାଯିବା ପରେ ବିସର୍ଜନ କରାଯାଇଥିଲା। ଆଇନ୍‌ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଡେରାବିଶ ଥାନା ପୋଲିସ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିଲା।


ମା' ଗଜଲକ୍ଷ୍ମୀଙ୍କୁ ଭସାଣି ଶୋଭାଯାତ୍ରାରେ ନିଆଯାଉଛି।

# ଜମି ପଟ୍ଟା କମ୍ପ୍ୟୁଟରୀକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ

**ଡେରାବିଶ, ୨୭।୧୦(ବେବର୍ତ୍ତା ଅଜୟ ଦାସ)**

- ଚକବନ୍ଦୀ ହେବାର ଦୀର୍ଘବର୍ଷ ବିତିଲା, ନେଟରେ ଉଠିପାରୁନି ଜମି ପଟ୍ଟା
- ସରକାରୀ ଯୋଜନାରୁ ବଞ୍ଚିତ ଦୁଇ ରାଜସ୍ୱ ଗ୍ରାମବାସୀ

ଡେରାବିଶ ବ୍ଲକ ଅନ୍ତର୍ଗତ ଗୋଲରାହାଟ ପଞ୍ଚାୟତର ଗୋଲରାହାଟ ମୌଜା ଏବଂ ବାଲିଆ ପଞ୍ଚାୟତର ମୁଳଣାପାଟଣା ରାଜସ୍ୱ ମୌଜାର ୨୦୧୪ମସିହାରୁ ଚକବନ୍ଦୀ କାର୍ଯ୍ୟ ସମାପ୍ତ ହୋଇଛି। ଚକବନ୍ଦି ବିଭାଗ ପକ୍ଷରୁ ସମ୍ପୃକ୍ତ ମୌଜାର ଜନସାଧାରଣଙ୍କୁ ସେମାନଙ୍କ ଜମି ପଟ୍ଟା ପ୍ରଦାନ କରାଯାଇ ସାରିଛି। ତେବେ ରାଜ୍ୟ ଏନ୍‌ଆଇସି ବିଭାଗ ପକ୍ଷରୁ ଉକ୍ତ ଜମି ପଟ୍ଟାକୁ କମ୍ପ୍ୟୁଟରୀକରଣ ଏଯାବତ କରାଯାଉନାହିଁ। ଫଳରେ ଉକ୍ତ ୨ ମୌଜାର ଜନସାଧାରଣ ବିଭିନ୍ନ ସରକାରୀ ଯୋଜନା ସମେତ ବ୍ୟାଙ୍କ କିମ୍ବା ସମବାୟ ବ୍ୟାଙ୍କରୁ ରଣ ପାଇବା ଓ ଅନ୍ୟ ଜମିଜମା କାର୍ଯ୍ୟରୁ ଦୀର୍ଘବର୍ଷ ହେଲା ବଞ୍ଚିତ ହୋଇ ଚାଲିଛନ୍ତି। ଏ ବାବଦରେ ୨ ମୌଜାବାସୀ ଡେରାବିଶ ତହସିଲ କାର୍ଯ୍ୟାଳୟ ସହ ଜିଲା ପ୍ରଶାସନ ପାଖକୁ ଦୌଡ଼ି ଦୌଡ଼ି ନିରାଶ ହୋଇ ଚାଲିଛନ୍ତି। ଶେଷରେ ଅନ୍ୟ ଉପାୟ ନ ପାଇ ଗୋଲରାହାଟ ଗ୍ରାମର ଯୁବକ ବୁରହାନ ଖାନ ଗତ ସୋମବାର ଭୁବନେଶ୍ୱର ଯାଇ ଜନଶୁଣାଣି ଶିବିରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଏ ନେଇ ଅଭିଯୋଗ କରିବା ସହ ଏ ଦିଗରେ ପଦକ୍ଷେପ ନେବା ପାଇଁ ଗୁହାରୀ କରିଛନ୍ତି।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ବୁରହାନ ଖାନ ଅଭିଯୋଗ କରୁଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ୨ ମୌଜାର ଚକବନ୍ଦୀ ପରେ ପଟ୍ଟାର କମ୍ପ୍ୟୁଟରୀକରଣ ପାଇଁ ସମସ୍ତ କାଗଜପତ୍ର ଏନ୍‌ଆଇସିକୁ ପଠାଯାଇଥିଲା। ହେଲେ ଦୀର୍ଘବର୍ଷ ବିତିଥିଲେ ମଧ୍ୟ ଏନ୍‌ଆଇସି ପକ୍ଷରୁ ଉକ୍ତ ଚକବନ୍ଦୀ କାଗଜପତ୍ରକୁ କମ୍ପ୍ୟୁଟରରେ ଉଠା ଯାଇ ନ ଥିବାରୁ ଜମିର ପଟ୍ଟା ନେଟରେ ଦେଖାଯାଉନାହିଁ କି ବାହାରି ପାରୁନାହିଁ। କିନ୍ତୁ ବର୍ତ୍ତମାନ ସମୟରେ ବିଭିନ୍ନ ସରକାରୀ ଯୋଜନା, ବ୍ୟାଙ୍କ କିମ୍ବା ସମବାୟ ବ୍ୟାଙ୍କରୁ ରଣ ଇତ୍ୟାଦି ପାଇବାକୁ ହେଲେ ସଦ୍ୟତମ ନେଟରୁ ବାହାରିଥିବା ଜମି ପଟ୍ଟା ବା କାଗଜପତ୍ର ପ୍ରଦର୍ଶିତ କରିବାର କିମ୍ବା ଦେବାର ନିୟମ ରହିଛି। ଅପରପକ୍ଷରେ ବିଭିନ୍ନ ଜମିଜମା କାର୍ଯ୍ୟ ପାଇଁ ମଧ୍ୟ ଜମି ପଟ୍ଟା ନେଟରେ ଉଠିଥିବାର ଆବଶ୍ୟକତା ରହିଛି। କିନ୍ତୁ ଉକ୍ତ ଦୁଇ ମୌଜାର ଚକବନ୍ଦୀ କାର୍ଯ୍ୟ ସରିବାକୁ ଓ ନେଟ ଫାଇନାଲ ଜମି ପଟ୍ଟା ପାଇବାକୁ ଇତିମଧ୍ୟରେ ୧୦ ବର୍ଷ ବିତି ସାରିଥିଲେ ମଧ୍ୟ ରାଜ୍ୟ ଏନ୍‌ଆଇସି ଏଯାବତ ଉକ୍ତ ଜମି ପଟ୍ଟାର କମ୍ପ୍ୟୁଟରୀକରଣ କରୁ ନ ଥିବାରୁ ଗୋଲରାହାଟ ଓ ମୁଳଣାପଟଣା ରାଜସ୍ୱ ମୌଜାର ଜନସାଧାରଣଙ୍କ ଅସୁବିଧା ହେଉଛି। ଏ ସମ୍ପର୍କରେ ଡେରାବିଶ ତହସିଲଦାର ପ୍ରଜ୍ଞା ପରିମିତା ପୃଷ୍ଟିଙ୍କୁ ପଚାରିବାରୁ ଏନ୍‌ଆଇସିକୁ ଚକବନ୍ଦୀ ହୋଇଥିବା ଉଭୟ ମୌଜାର ସମସ୍ତ କାଗଜପତ୍ର ପଠାଯିବା ସହ ବିଭିନ୍ନ ସମୟରେ ଚିଠି ମାଧ୍ୟମରେ ଏହି କାର୍ଯ୍ୟ ସମ୍ପର୍କରେ ମନେ ପକାଇ ଦିଆ ଚାଲିଛି। ହେଲେ ସେଠାରେ କାହିଁକି ଏହି କାର୍ଯ୍ୟ କରାଯାଉନାହିଁ ସେ ସମ୍ପର୍କ ସେଠାକାର କୌଣସି ଅଧିକାରୀ କିଛି ସୂଚନା ଦେଉ ନ ଥିବା ସେ କହିଛନ୍ତି।

# ପୁରାତନ କୁଆଁରିଆ, କମେଇ ସେତୁ ବିପଦସଙ୍କୁଳ



କମେଇ ସେତୁରେ ଖାଲଖମା।



ସେତୁ ଉପର ଦେଇ ଯାଉଛି ବାଲି ବୋଝେଇ ହାଇୱା।

ଖଣ୍ଡପଡ଼ା,୨୭।୧୦
(ଅଜୟ କୁମାର ମହାରଣା)

## ବିପଦ ସୃଷ୍ଟି କରୁଛି ବାଲି ବୋଝେଇ ହାଇୱା

ଦୀର୍ଘ ୪୦ରୁ ୫୦ ବର୍ଷ ମଧ୍ୟରେ ନିର୍ମାଣ ହୋଇଥିବା କଳାପଥର-କଣ୍ଟିଲୋ ରାଜପଥ କମେଇ ନଦୀ ଉପରେ ଏବଂ ଖଣ୍ଡପଡ଼ା-କଣ୍ଟିଲୋ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର କୁଆଁରିଆ ନଦୀ ଉପରେ ନିର୍ମାଣ ହୋଇଥିବା ୨ଟି ସେତୁ ଏବେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ସାଧାରଣରେ ଅଭିଯୋଗ ହେଉଛି। ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ ଭାବେ କଣ୍ଟିଲୋସ୍ଥିତ ଶ୍ରୀନୀଳମାଧବ ଜୀଉ ସର୍ବଜନ ବିଦିତ। ତେବେ ଦୀର୍ଘ ୫୦ବର୍ଷ ପୂର୍ବରୁ କଣ୍ଟିଲୋକୁ ଯାତାୟତ ପାଇଁ ଗମନାଗମନ କ୍ଷେତ୍ରରେ ବାଧକ ସାଜିଥାଏ ବେଣାଗାଡ଼ିଆ ନିକଟ କୁଆଁରିଆ ନଦୀ ଓ କଣ୍ଟିଲୋ କୁକୁଡ଼ାଖାଇ ନାଳ ନିକଟ କମେଇ ନଦୀ।

ବିଶେଷ କରି ବର୍ଷାଦିନେ କଣ୍ଟିଲୋ ଏକ ଅଗମ୍ୟ ଅଞ୍ଚଳ ଭାବେ ପର୍ଯ୍ୟଟକଙ୍କ ପାଇଁ ବାଧକ ସାଜିଥିଲା। ଲୋକେ ଉକ୍ତ ନଦୀକୁ ନୌକା ସାହାଯ୍ୟରେ ପାରି ହୋଇ କଣ୍ଟିଲୋକୁ ଆସିଥାନ୍ତି। ତେବେ ଖଣ୍ଡପଡ଼ାର ତତ୍କାଳୀନ ରାଜା ତଥା କଂଗ୍ରେସ ସରକାରଙ୍କ ପୂର୍ତ୍ତ ବିଭାଗ ମନ୍ତ୍ରୀ ସ୍ୱର୍ଗତ ରାଜା ହରିହର ସିଂହ ମର୍ଦ୍ଦରାଜଙ୍କ ପ୍ରୟାସ କ୍ରମେ ୧୯୭୪ ମସିହାରେ ବେଣାଗାଡିଆ ନିକଟ କୁଆଁରିଆ ସେତୁ ନିର୍ମାଣ ହୋଇଥିଲା। ପରବର୍ତ୍ତୀ ସମୟରେ ତାଙ୍କ ପୁତ୍ର ରାଜା ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ କଂଗ୍ରେସ ସରକାରଙ୍କ ଅମଳରେ ବିଧାୟକ ଥିବା ସମୟରେ ତାଙ୍କ ପ୍ରୟାସକ୍ରମେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ମନ୍ତ୍ରୀ ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ସହଯୋଗରେ କମେଇ ସେତୁ ନିର୍ମାଣ କରାଯାଇ ଗତ ୧୯୮୪ ଅକ୍ଟୋବର ୬ ରେ କଣ୍ଟିଲୋ ମାଘମେଳା ପଡ଼ିଆରେ ଆୟୋଜିତ ଜନସମାବେଶରେ ତତ୍କାଳୀନ କଂଗ୍ରେସ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପଟ୍ଟନାୟକ, ମନ୍ତ୍ରୀ ସ୍ୱର୍ଗତ ବିଶ୍ୱାଳ, ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ହରିହର କରଣ ଓ ବିଧାୟକ ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ ଯୋଗଦେଇ କମେଇ ସେତୁକୁ ଉଦ୍‌ଘାଟନ କରିଥିଲେ। ତେବେ ଦୀର୍ଘବର୍ଷର ଏହି ସେତୁ ଏବେ ବିପଦ ସଙ୍କୁଳ ହୋଇପଡୁଥିବା ସାଧାରଣରେ ଅଭିଯୋଗ ଉଠିଛି। ବିଶେଷ କରି ମହାନଦୀ ବାଲି ଘାଟରୁ ବାଲି ଚାଲାଣ ପାଇଁ ଉଭୟ ଖଣ୍ଡପଡ଼ା ଓ କଳାପଥର ପାର୍ଶ୍ୱରୁ ପ୍ରତ୍ୟହ ଶତାଧିକ ହାଇୱା ସହ ଶତାଧିକ ଭାରିଯାନ ଓ ଯାତ୍ରୀବାହୀ ଯାନ ଉକ୍ତ ସେତୁ ଦେଇ ଯାତାୟତ କରିଥାନ୍ତି। ଅପରପକ୍ଷରେ ଏକାଧିକ ବାଲି ବୋଝେଇ ହାଇୱା ଏକ ସମୟରେ ସେତୁ ଉପରେ ଗତି କରୁଛି। ଫଳରେ ସେତୁ ଉପରି ଭାଗରେ କମ୍ପନ ସୃଷ୍ଟି(ଭାଏବ୍ରେସନ) ହୋଇ ଥରୁଥିବା ପରିଲକ୍ଷିତ ହେଉଛି। ଉକ୍ତ ସେତୁ ଉପରେ ଯାତାୟାତ କରୁଥିବା ପଥିକ ସେତୁ ଥରୁଥିବା ଉପଲବ୍ଧ କରି ଭୟଭୀତ ହେଉଥିବା ଜଣାପଡ଼ିଛି। ଏହି ହାଇୱା ଚଳପ୍ରଚଳ ଯୋଗୁ ସେତୁର ବିଭିନ୍ନସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି। ବର୍ଷା ସମୟରେ ଉକ୍ତ ସେତୁ ଉପରେ ପାଣି ଜମା ହୋଇ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ୪୮ ନଂ. ରାଜ୍ୟ ରାଜପଥ ଉପରେ ଥିବା ଏହି କମେଇ ସେତୁର ରକ୍ଷଣାବେକ୍ଷଣ ପୂର୍ତ୍ତ ବିଭାଗ ଦାୟିତ୍ୱରେ ଥିବାବେଳେ ଏ ଦିଗରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ବିଭାଗୀୟ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ପୁରାତନ ସେତୁର ଉପରି ଭାଗକୁ ବିଭିନ୍ନ ସମୟରେ ମରାମତି କରାଯାଉଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ରାଧେଶ୍ୟାମ କାଲୋ ସୂଚନା ଦେଇଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଏ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବେ ବୋଲି ସୂଚନା ଦେଇଥିଲେ।

# ବଦଳିଲେ ନୟାଗଡ଼ ସିଡିଏମ୍ଓ

ନୟାଗଡ଼,୨୭।୧୦(ଲୋକନାଥ ମିଶ୍ର)

ନୟାଗଡ଼ ସିଡିଏମ୍ଓ ରମାକାନ୍ତ ପଣ୍ଡାଙ୍କର ବଦଳି ହୋଇଛି। ନୟାଗଡ଼ ଜିଲାକୁ ନୂଆ ସିଡିଏମ୍ଓ ଭାବେ କୋରାପୁଟର ଜନସ୍ୱାସ୍ଥ୍ୟ ଅଧିକାରୀ ସୁଶାନ୍ତ କୁମାର ଦାସଙ୍କର ବଦଳି ହୋଇଛି। ନୟାଗଡ଼ ସିଡିଏମ୍ଓଙ୍କର ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ଭୁବନେଶ୍ୱରକୁ ବଦଳି ହୋଇଛି। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ୫ଜଣ ସିଡିଏମ୍ଓଙ୍କର ବଦଳି ଆଦେଶନାମା ପ୍ରକାଶ ପାଇଥିବାବେଳେ ୧୫ଜଣ ଅଧିକାରୀଙ୍କର ସିଡିଏମ୍ଓ ପଦବୀକୁ ପଦୋନ୍ନତି ହୋଇଛି।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବାଇକ୍ ମେକାନିକ୍ ମୃତ

ନୟାଗଡ଼,୨୭।୧୦ (ଲୋକନାଥ ମିଶ୍ର)

ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନୟାଗଡ଼ ଟାଉନ ଥାନା ନୟାଗଡ଼ ପୁରୁଣା ସହର ବାଲିସାହିର ଚେତନ୍ୟ ମହାପାତ୍ର (୩୬) ନାମକ ଜଣେ ବାଇକ ମେକାନିକ୍ଙ୍କର ମୃତ୍ୟୁ ହୋଇଛି। ବାଲିସାହିର ଚେତନ୍ୟ ନିଜ ଛାତ ଉପରେ ରବିବାର ସନ୍ଧ୍ୟାରେ ତାରରେ ଏକ ଅଳଗୁଣି କରୁଥିଲେ। ଛାତ ପାଖ ଦେଇ ୧୧ କେଭି ବିଦ୍ୟୁତ୍ ତାର ଯାଇଛି। ଅଳଗୁଣି ତାର ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ ମଧ୍ୟ ଚେତନ୍ୟ ଜାଣି ପାରି ନ ଥିଲେ। ଚୈତନ୍ୟଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# କୁସୁମଗାଡ଼ିଆବାସୀଙ୍କ ସହଯୋଗରେ ଚାରା ରୋପଣ



ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଗ୍ରାମବାସୀ ଓ କର୍ମକର୍ତ୍ତା।

ନୂଆଗାଁ, ୨୭।୧୦ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଗୁମୀ ପଞ୍ଚାୟତ କୁସୁମଗାଡ଼ିଆ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଗ୍ରାମବାସୀଙ୍କ ସହଯୋଗରେ ଆଇ କନ୍‌ସେପ୍ଟ ଇନିସିଟିଭ ସଂସ୍ଥା ପକ୍ଷରୁ ରବିବାର ଶତାଧିକ ଚାରା ରୋପଣ କରାଯାଇଛି। ଦେଶରେ ଜନସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଜଙ୍ଗଲ ଧ୍ୱଂସ ହେବାରେ ଲାଗିଛି। ପ୍ରତିଦିନ ବିଭିନ୍ନ ଉପାୟରେ ଶହ ଶହ ବୃକ୍ଷ କାଟି ଦିଆଯାଉଛି। ଫଳରେ ପରିବେଶ ସନ୍ତୁଳନରେ ଭାରସାମ୍ୟ ରହୁନାହିଁ। ପରିବେଶ ଦୂଷିତ ହେବାରେ ଲାଗିଛି। ତେଣୁ ଚାରା ରୋପଣ କରି ପରିବେଶ ସନ୍ତୁଳନ ପାଇଁ ସରକାର ପ୍ରୟାସ କରୁଛନ୍ତି। ତେଣୁ ଲଣ୍ଡା ପାହାଡ଼କୁ ସବୁଜିମା କରିବା ସହ ଉଜୁଡ଼ି ଯାଇଥିବା ଜଙ୍ଗଲର ପୁନରୁଦ୍ଧାର ପାଇଁ ବନ ବିଭାଗ ଦ୍ୱାରା ଚାରା ଉତ୍ପାଦନ କରାଯାଇ ବିଭିନ୍ନସ୍ଥାନରେ ରୋପଣ କରାଯାଉଛି। ବନ ବିଭାଗ ଦ୍ୱାରା ସରକାର ଚାରା ରୋପଣ କରୁଥିବାବେଳେ ପରିବେଶର ସୁରକ୍ଷା ପାଇଁ ଅନେକ ସରକାରୀ ଓ ବେସରକାରୀ ସଂସ୍ଥା ଜନ ସଚେତନ କରାଇବା ସହ ଚାରା ରୋପଣ କାର୍ଯ୍ୟ କରୁଛନ୍ତି। ସେହି କ୍ରମରେ ନୂଆଗାଁ ବ୍ଲକ କୋରଡ଼ାଠାରେ ଥିବା ଆଇ କନସେପ୍ଟ ଇନିସିଟିଭ ସଂସ୍ଥା ପକ୍ଷରୁ ଚାରା ରୋପଣ କାର୍ଯ୍ୟ କରାଯାଉଛି। ଏହାର ଜିଲା ଶାଖା ପରିଚାଳକ ପିଣ୍ଟୁ ବେହେରାଙ୍କ ତତ୍ତ୍ୱାବଧାନରେ ଗୁମୀ ପଞ୍ଚାୟତ କୁସୁମଗାଡ଼ିଆ ଗ୍ରାମକୁ ଲାଗି ରହିଥିବା ଜଙ୍ଗଲର ନଦୀ ନିକଟବର୍ତ୍ତୀ ସ୍ଥାନରେ ଗ୍ରାମବାସୀଙ୍କ ଦ୍ୱାରା କରଞ୍ଜ, ନିମ, ଚାକୁଣ୍ଡା, ପିଆଶାଳ, ଅଁଳା ଆଦି ୭ ଶହରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ କୁସୁମଗାଡ଼ିଆ ଗ୍ରାମ ସଭାପତି ଅନିଲ କୁମାର ମଲିକ, ମିନି ଜାନି, ସେବତି ମଲିକ, ସଂସ୍ଥାର କର୍ମଚାରୀ ସମୀର କୁମାର ସାହୁ, ଆନନ୍ଦ ଚନ୍ଦ୍ର ବେହେରା, ବିଘ୍ନେଶ ସାହୁ, ସନ୍ତୋଷୀ ନାୟକ, ତ୍ରିନାଥ ମଲିକ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରିମିୟର ଲିଗ କ୍ରିକେଟ, ଅଶୋକ କିଙ୍ଗ, ଥଣ୍ଡର ବାଲୁଙ୍କେଶ୍ୱର ବିଜୟୀ

ଖଣ୍ଡପଡ଼ା,୨୭।୧୦
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ସାଇକୃପା କେପିଏଲ କମିଟି ପକ୍ଷରୁ ଗତ ରବିବାରଠାରୁ ସ୍ଥାନୀୟ ପଲଟନ ପଡ଼ିଆରେ ଆରମ୍ଭ ହୋଇଥିବା ୪ର୍ଥ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଥିଲା ୬ଷ୍ଠ ଦିବସର ପ୍ରଥମ ପର୍ଯ୍ୟାୟରେ ଅଶୋକ କିଙ୍ଗ ଓ ରାଜା ସୁପରଷ୍ଟ୍ରାଇକର ମଧ୍ୟରେ ମୁକାବିଲା। ତେବେ ଏହି ଖେଳରେ ଅଶୋକ କିଙ୍ଗ ୫୬ ରନରେ ରାଜାସୁପରକୁ ହରାଇ ବିଜୟୀ ହୋଇଛି। ପ୍ରଥମେ ଅଶୋକ କିଙ୍ଗ ବ୍ୟାଟିଂ ଆରମ୍ଭ କରି ୧୦ ଓଭରରେ ୭ ଉଇକେଟ ବିନିମୟରେ ୧୧୫ ରନ ସଂଗ୍ରହ କରିଥିଲା। ଜବାବରେ ରାଜା ସୁପର ୧୦ ଓଭରରେ ୫ ଉଇକେଟ ହରାଇ ମାତ୍ର ୫୯ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର ରାଶେଶ୍ୱର ଦଳେଇ ୨୫ ବଲରେ ୪୬ ରନ ସଂଗ୍ରହ କରିବା ସହ ୨ଟି ଉଇକେଟ ଅକ୍ତିୟାର କରି ଖେଳରେ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳକୁ ଅଶୋକ କୁମାର ବାରିକ ଓ ସିଲୁ ମହାରଣା ପରିଚାଳନା କରିଥିଲେ। ସେହିପରି ଅପରାହ୍ନରେ ଆୟୋଜିତ ୨ୟ ପର୍ଯ୍ୟାୟ ଖେଳରେ ଥଣ୍ଡର ବାଲୁଙ୍କେଶ୍ୱର ସହ ଇସାନ ରୟାଲ ମୁକାବିଲା ହୋଇଥିବା ବେଳେ ଥଣ୍ଡର ବାଲୁଙ୍କେଶ୍ୱର ଦଳ ୭୯ ରନରେ ଇସାନ ରୟାଲକୁ ପରାସ୍ତ କରିଥିବା ଜଣାଯାଇଛି। ପ୍ରଥମେ ଥଣ୍ଡର ଦଳ ବ୍ୟାଟିଂ ଆରମ୍ଭ କରି ୧୦ ଓଭରରେ ୪ ଉଇକେଟ ହରାଇ ୧୧୦ ରନ ସଂଗ୍ରହ କରିଥିଲା। ଜବାବରେ ଇସାନ ଦଳ ୭.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ମାତ୍ର ୩୯ ରନ ସଂଗ୍ରହ କରିଥିଲା। ବିଜୟୀ ଦଳର ଜୟରାମ ଖୁଣ୍ଟିଆ ୨ଓଭରରେ ୩ଟି ଉଇକେଟର ପତନ ଘଟାଇ ୧୨ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛି। ଏହି ଖେଳକୁ ଅଶୋକ ବାରିକ ଓ ଶେଷଦେବ ନାୟକ ପରିଚାଳନା କରିଥିଲେ। ପରେ ୩ୟ ପର୍ଯ୍ୟାୟ ମ୍ୟାଚରେ ଶତପଥୀ ଲାୟନ୍ସ ସହ ଅଶୋକ କିଙ୍ଗ ଦଳର ମୁକାବିଲା ହୋଇଥିଲା। ଅଶୋକ କିଙ୍ଗ ଦଳ ଶତପଥୀ ଲାୟନ୍ସକୁ ହରାଇ ବିଜୟୀ ହୋଇଛି। ପ୍ରଥମେ ଶତପଥୀ ଲାୟନ୍ସ ବ୍ୟାଟିଂ କରି ୮ଓଭରରେ ସମସ୍ତ ଉଇକେଟ ବିନିମୟରେ ୮୮ ରନ ସଂଗ୍ରହ କରିଥିଲା। ଜବାବରେ ଅଶୋକ କିଙ୍ଗ ୯.୫ ଓଭରରେ ୪ ଉଇକେଟ ହରାଇ ୮୯ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ବିଭୂତି ବେହେରା ୨ ଓଭରରେ ୪ଟି ଉଇକେଟର ପତନ ଘଟାଇବା ସହ ବ୍ୟକ୍ତିଗତ ୧୬ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଏହି ଖେଳକୁ ଚନ୍ଦନ ବେହେରା ଓ ଅଶୋକ ବାରିକ ପରିଚାଳନା କରିଥିଲେ। ସୋମବାର ଦୀପୁ କିଙ୍ଗିସ ଓ ରାଜା ସୁପରଷ୍ଟାଇକର ମଧ୍ୟରେ ମୁକାବିଲା ହେବ ବୋଲି ଆୟୋଜକ ପରିଚାଳକ ସରୋଜ କୁମାର ମହାରଣାଙ୍କଠାରୁ ପ୍ରକାଶ।

# ସିପିଆଇଏମ୍‌ର ସମ୍ମିଳନୀ, ଆଞ୍ଚଳିକ କମିଟି ଗଠିତ

ଦଶପଲ୍ଲା, ୨୭।୧୦
(ପ୍ରକାଶ କୁମାର ପାଣି)

ରବିବାର ଭାରତର କମ୍ୟୁନିଷ୍ଟ ପାର୍ଟି(ମର୍କ୍ସବାଦୀ)ର ଦଶପଲ୍ଲା ଆଞ୍ଚଳିକ ସମ୍ମିଳନୀ ଓ ଆଞ୍ଚଳିକ କମିଟି ଗଠନ ମଧ୍ୟଖଣ୍ଡ ପଞ୍ଚାୟତର ମହାନ୍ତିପଲିଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀ ପ୍ରାରମ୍ଭରେ ପାର୍ଟିର ଲାଲ ପତାକାକୁ ପାର୍ଟିର ଜିଲା ସମ୍ପାଦକ ଶରତ ବେହେରା କର୍ମୀମାନଙ୍କ ଗହଣରେ ଉତ୍ତୋଳନ କରିଥିଲେ। ସମସ୍ତ କର୍ମୀ ଶହୀଦ ବେଦିରେ ପୁଷ୍ପମାଲ୍ୟ ଅର୍ପଣ କଲାପରେ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀକୁ ପାର୍ଟିର ବରିଷ୍ଠ ନେତା ବିଶ୍ୱନାଥ ମହାପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ତାଙ୍କର ଉଦ୍‌ଘାଟନୀ ବକ୍ତବ୍ୟରେ ଭାରତ ବର୍ଷର ସ୍ୱାଧୀନତା ଆନ୍ଦୋଳନ ବେଳୁ ସ୍ୱାଧୀନୋତ୍ତର ଭାରତବର୍ଷରେ କମ୍ୟୁନିଷ୍ଟମାନଙ୍କର ତ୍ୟାଗପୂତ ସଂଗ୍ରାମ ବିଷୟକୁ ବର୍ଣ୍ଣନା କରିବା ସହ ଆଜିର କଠିନ ପରିସ୍ଥିତିରେ କମ୍ୟୁନିଷ୍ଟମାନଙ୍କର ଦାୟିତ୍ୱ ଆହୁରି ବଢ଼ିଯାଇଛି ବୋଲି କହିଥିଲେ।



ସମ୍ମିଳନୀରେ ଯୋଗଦାନ କରିଥିବା କର୍ମୀ।

ଏଥିପାଇଁ ସମସ୍ତେ ନିଃସ୍ୱାର୍ଥପର ଭାବେ କାମ କରିବାକୁ ଆହ୍ୱାନ ଦେଇଥିଲେ। ଆଞ୍ଚଳିକ କମିଟି ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ ସମ୍ମିଳନୀରେ ରିପୋର୍ଟ ଉପସ୍ଥାପନ କଲା ପରେ ଏହା ଉପରେ ପ୍ରତିନିଧିମାନେ ଆଲୋଚନା କରି ରିପୋର୍ଟକୁ ସର୍ବସମ୍ମତିକ୍ରମେ ଗ୍ରହଣ କରାଯାଇଥିଲା। ଏହାପରେ ଏକ ନୂତନ ଆଞ୍ଚଳିକ କମିଟି ଗଠନ କରାଗଲା। ଉକ୍ତ କମିଟିରେ ସମ୍ପାଦକ ଭାବେ ବିପିନ କୁମାର ବାଜୁ ନିର୍ବାଚିତ ହୋଇଥିଲେ। ଏହି ସମ୍ମିଳନୀକୁ ଜୟନ୍ତୀ ଦାସ ଓ ବିପିନ ବିହାରୀ ବାଜୁଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ପରିଚାଳନା କରିଥିଲେ। ଶେଷରେ ଜିଲା ସମ୍ପାଦକ ଶରତ ବେହେରା ଉଦ୍‌ଯାପନୀ ବକ୍ତବ୍ୟ ଦେଲା ପରେ ସମ୍ମିଳନୀକୁ ଶେଷ ହୋଇଥିଲା।

# ବନ୍ଧୁକ ଦେଖାଇ ଲୁଟିଲେ ୩୦ ହଜାର ୬୦୦ ଟଙ୍କା

ନୟାଗଡ଼,୨୭।୧୦(ଲୋକନାଥ ମିଶ୍ର)

- ଫାଙ୍କା ଗୁଳିଚାଳନା କରି ଭୟଭୀତ କଲେ
- ଚୋରା ବାଇକ୍ ଛାଡ଼ି ଲୁଟେରା ବଦଳେଇ ନେଲେ ବାଇକ୍

ନୟାଗଡ଼ ସଦର ଥାନା ନୟାଗଡ଼ ଆଡ଼ଚେର ରାସ୍ତାର କୁସୁମୀ ପୋଲ ନିକଟରେ ଶନିବାର ସନ୍ଧ୍ୟାରେ ଆଡ଼ଚେରର ଜଣେ ଲୋକଙ୍କଠାରୁ ୩୦ ହଜାର ୬୦୦ ଟଙ୍କା ଲୁଟ୍ ହୋଇଛି। ଅନ୍ୟପକ୍ଷେ ଲୁଟେରାମାନେ ଫାଙ୍କା ଗୁଳି ଚାଳନା କରି ନିଜର ଚୋରା ବାଇକ୍ ଛାଡ଼ ତରବରିଆ ଭାବେ ଅନ୍ୟ ଏକ ବାଇକ୍ ନେଇ ଫେରାର ହୋଇଯାଇଛନ୍ତି।

ପ୍ରାପ୍ତ ସୂଚନା ଅନୁସାରେ, ଆଡ଼ଚେରର ଜଣେ ବ୍ୟକ୍ତି ସିମେଣ୍ଟ ଟଙ୍କା ପରିଶୋଧ ପାଇଁ ୩୦ ହଜାର ୬୦୦ ଟଙ୍କା ନେଇ ନୟାଗଡ଼ ଯାଉଥିଲେ। ନୟାଗଡ଼ ଆଡ଼ଚେର ରାସ୍ତାର କୁସୁମୀ ପୋଲ ନିକଟରେ ସନ୍ଧ୍ୟାରେ ଦୁଇଜଣ ଅଜଣା ଯୁବକ ବାଇକରେ ଆସି ଅଟକି ରହି ଟଙ୍କା ଚଡାଇ ନେବାକୁ ଉଦ୍ୟମ କରିଥିଲେ। ଏଭଳି ସମୟରେ ସେହି ବାଟ ଦେଇ ବାଇକ୍ ଯୋଗେ ରଣପୁର ଥାନା ବାଦଭୂଇଁର ଅଶୋକ ସ୍ୱାଇଁ ଯୋଗେ ଫେରୁଥିଲେ। ଗୋଟିଏ ଲୋକଠାରୁ ଟଙ୍କା ଛଡାଇ ନେବା ଘଟଣା ଦେଖି ବାଦଭୂଇଁର ଅଶୋକ ପ୍ରତିବାଦ କରିଥିଲେ। ଅଶୋକ ଓ ଆଡ଼ଚେରର ଲୋକ ମିଳିମିଶି ପ୍ରତିବାଦ କରି ଟଙ୍କା ଫେରାଇ ଆଣିବାକୁ ଚେଷ୍ଟା କରିବାବେଳେ ଲୁଟେରା ଦ୍ୱୟ ଫାଙ୍କା ଗୁଳି ଚାଳନା କରିଥିଲେ। ଗୁଳି ଅଶୋକ ଆଣ୍ଠୁରେ ବାଜି ବାହାରକୁ ଚାଲି ଯାଇଥିଲା। ଅଶୋକ ସାମାନ୍ୟ ଆହତରୁ ବର୍ତ୍ତି ଯାଇଛନ୍ତି। ଏ ନେଇ ନୟାଗଡ ସଦର ଥାନା ପୋଲିସ ଅଭିଯୋଗ ପାଇ ଘଟଣାର ତଦନ୍ତ କରିଥିଲା। ତେବେ ଅଭିଯୋଗ ନ ମିଳିବାରୁ ପୋଲିସ ଚୁପ ରହିଛି ବୋଲି ଜଣାପଡ଼ିଛି।

# ଖବରଦାତା ସଂଘ ବୈଠକ




ବୈଠକରେ ଯୋଗଦେଇଥିବା ଖବରଦାତା।

ରଣପୁର,୨୭।୧୦
(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ବ୍ଲକର କନ୍ଧନୟାଗଡ଼ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ରବିବାର ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଖବରଦାତାମାନଙ୍କର ସଂଘର ଏକ ଗୁରୁତ୍ୱପୂର୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଆଗାମୀ ନଭେମ୍ବର ୧୬ରେ ବିଶ୍ୱ ପ୍ରେସ୍ ଦିବସ ପାଳନ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅତିଥି ରୂପେ ନିର୍ବାଚିତ ବିଧାୟକ, ଏମ୍‌ପି, ବ୍ଲକ ଅଧ୍ୟକ୍ଷ, ସରପଞ୍ଚମାନଙ୍କୁ ଅତିଥି ରୂପେ ଯୋଗଦେବାକୁ ଆମନ୍ତ୍ରଣ କରିବା ସହ ବିଭିନ୍ନ ସାମାଜିକ କ୍ଷେତ୍ରରେ କୃତୀତ୍ୱ ହାସଲ କରିଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ସ୍ଥିର ହୋଇଛି। ଏହି ବିଶ୍ୱ ପ୍ରେସ ଦିବସ କନ୍ଧନୟାଗଡ଼ସ୍ଥିତ କଲ୍ୟାଣମଣ୍ଡପରେ ଅନୁଷ୍ଠିତ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଚଳିତ ମାସ ୧୨ ତାରିଖରେ ଆୟୋଜିତ ସାଧାରଣ ବୈଠକର ପ୍ରସ୍ତାବକୁ ଦୃଢୀକରଣ କରାଯିବା ଅବସରରେ ସଂଘର ଲକ୍ଷ୍ୟ ଆଦର୍ଶଠାରୁ ଦୂରେଇ ଯାଇ ସଂଘର ପଞ୍ଜୀକୃତ ପ୍ରମାଣପତ୍ର, ଉପବିଷ୍ଟୁ, ପ୍ରକୃତିମିତ୍ର ପୁରସ୍କାର ପ୍ରମାଣପତ୍ର ଇତ୍ୟାଦିକୁ ନ ଦେଇ ବିଭିନ୍ନ ସଂଘ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଥିବା ହେତୁ ସଂଘର ପୂର୍ବତନ ପ୍ରବକ୍ତା ସରୋଜ କୁମାର ପାଇକରାୟଙ୍କୁ ସର୍ବସମ୍ମତିକ୍ରମେ ସଂଘରୁ ବହିଷ୍କାର କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ବୈଠକରେ ଉପଦେଷ୍ଟା ପ୍ରଦୋଷ କୁମାର ଦାସ, ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଉପସଭାପତି ମାନସ ଚନ୍ଦ୍ର ପଟ୍ଟନାୟକ, ବି.ମନୋଜ କୁମାର ନାଇଡୁ, ସହସମ୍ପାଦକ ବିକ୍ରମ କେଶରୀ ସାହୁ, ରମେଶ ଚନ୍ଦ୍ର ବେହେରା, ସଂଯୋଜକ ରଜନୀକାନ୍ତ ମିଶ୍ର, କୋଷାଧ୍ୟକ୍ଷ ଦାମୋଦର ସାହୁ, ଆଇନ ପରାମର୍ଶଦାତା ଶ୍ୟାମସୁନ୍ଦର ପଟ୍ଟନାୟକ, ସାନ୍ଦିପନୀ ମିଶ୍ରଙ୍କ ସମେତ ଡ. ଚନ୍ଦ୍ରଶେଖର ଦାଶ, ଉମେଶ ଚନ୍ଦ୍ର ପଟ୍ଟନାୟକ, ପ୍ରଶାନ୍ତ କୁମାର ବେହେରା, ଜୟନ୍ତ କୁମାର ସୁବୁଦ୍ଧି, ପ୍ରଦୀପ କୁମାର ସାହୁ, ଆଲୋକ ମହାରଣା, ମାନସ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସଂଘର ଐକ୍ୟସଂହତି ଓ ସ୍ୱାଭିମାନ ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ୟାମସୁନ୍ଦର ପଟ୍ଟନାୟକ ଧନ୍ୟବାଦ ଦେବା ପରେ ସଭା ସାଙ୍ଗ ହୋଇଥିଲା।

# ଖଣ୍ଡପଡ଼ାରେ ଭାଗବତ ସପ୍ତାହ ପ୍ରବଚନ କାର୍ଯ୍ୟକ୍ରମ



ମଦନ ଗୋପାଳ ଦାସଜୀ ମହାରାଜ ପ୍ରବଚନ ଦେଉଛନ୍ତି।

ଖଣ୍ଡପଡ଼ା,୨୭।୧୦
(ଅଜୟ କୁମାର ମହାରଣା)

ଶ୍ରୀଜଗନ୍ନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଭାଗବତ ସପ୍ତାହ ଜ୍ଞାନଯଜ୍ଞ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଶ୍ରୀବୃନ୍ଦାବନ ଧାମ ନିବାସୀ ସନ୍ଥଚରଣ ମଦନ ଗୋପାଳ ଦାସଜୀ ମହାରାଜ ମୁଖ୍ୟ ପ୍ରବଚକ ଭାବେ ଯୋଗଦେଇ ଦୈନିକ ପ୍ରବଚନ କାର୍ଯ୍ୟକ୍ରମ ଚାଲୁ ରଖିଛନ୍ତି। ପ୍ରବଚନ କାର୍ଯ୍ୟକ୍ରମକୁ ଉପଭୋଗ କରିବା ନିମନ୍ତେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମଞ୍ଚ ତଳେ ଜନସାଧାରଣଙ୍କ ଭିଡ଼ ପରିଲକ୍ଷିତ ହେଉଛି। ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର ସତସଙ୍ଗ ସମିତିର ସଦସ୍ୟମାନଙ୍କ ସହଯୋଗରେ ଆୟୋଜିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆସନ୍ତା ୩୦ ତାରିଖରେ ଶେଷ ହେବ ବୋଲି ଜଣାପଡ଼ିଛି।

# ଖଣ୍ଡପଡ଼ା: ୫ ପଞ୍ଚାୟତରେ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ଦାବି

ଖଣ୍ଡପଡ଼ା,୨୭।୧୦
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ଓ ସିଧାମୂଳା ପଞ୍ଚାୟତରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ହୋଇ ଏହା କାର୍ଯ୍ୟକ୍ଷମ ହେଉଛି। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କେତେଗୋଟି ପଞ୍ଚାୟତରେ ବାତ୍ୟା ଆଶ୍ରୟସ୍ଥଳ ନ ଥିବାରୁ ସମ୍ପୃକ୍ତ ଅଞ୍ଚଳବାସୀ ସମସ୍ୟା ମଧ୍ୟରେ ଗତି କରୁଛନ୍ତି। ଏହି ଅବସରରେ ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ବାତ୍ୟା ଦାନାର ସେତେଟା ପ୍ରଭାବ ନ ଥିଲେ ମଧ୍ୟ ପ୍ରତିବର୍ଷ ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ବ୍ଲକ ଅଧୀନ ଗୁଣ୍ଠୁଣି, ଶାଳଝରିଆ, ବୋଦସା, ବେଣାଗାଡ଼ିଆ ଓ ବଡ଼ବାଣପୁର ପଞ୍ଚାୟତର ଜନସାଧାରଣ ଅଧିକ କ୍ଷତିଗ୍ରସ୍ତ ହେବା ସହ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି।। ଏପରିକି ଉପରୋକ୍ତ ୫ଟି ପଞ୍ଚାୟତର ଜନସାଧାରଣଙ୍କୁ ଥଇଥାନ ନିମନ୍ତେ ବ୍ଲକ ପ୍ରଶାସନକୁ ନାକେଦମ ହେବାକୁ ପଡ଼ିଥାଏ। ଚଳିତବର୍ଷ ମଧ୍ୟ ବାତ୍ୟାକୁ ନଜରରେ ରଖି ବ୍ଲକ ପ୍ରଶାସନ ପକ୍ଷରୁ ୫ଟି ପଞ୍ଚାୟତରେ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ ବ୍ୟବସ୍ଥା କରାଯାଇଥିଲା। ବିଦ୍ୟାଳୟର ପକ୍କା ଶ୍ରେଣୀଗୃହ, ଗ୍ରାମର କୋଠ ଘରେ ପ୍ରଶାସନିକ ଅଧିକାରୀମାନେ ସ୍ଥାନୀୟ ବାସିନ୍ଦାଙ୍କ ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା କରିଥିଲେ। ଆଶ୍ରୟସ୍ଥଳରେ ରହୁଥିବା ଜନସାଧାରଣଙ୍କ ନିମନ୍ତେ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଥିଲା। ତେବେ ପ୍ରତିବର୍ଷ ବାତ୍ୟା ଓ ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଉପରୋକ୍ତ ୫ଟି ପଞ୍ଚାୟତରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ନିମନ୍ତେ ପ୍ରଶାସନ ଦୃଷ୍ଟି ନ ଦେବା ଦୁଃଖର ବିଷୟ। ଉପରୋକ୍ତ ୫ଟି ପଞ୍ଚାୟତର ଜନସାଧାରଣ ନିଜ ନିଜ ପଞ୍ଚାୟତରେ ଏକ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ନିମନ୍ତେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଚାଲିଥିଲେ ହେଁ ଏଥିପ୍ରତି ପ୍ରଶାସନିକ ଅଧିକାରୀ ଅଥବା ଲୋକପ୍ରତିନିଧିମାନେ ଦୃଷ୍ଟି ନ ଦେବା ପରିତାପର ବିଷୟ। ବ୍ଲକ ଅଧୀନ କଣ୍ଟିଲୋ ଓ ସିଧାମୂଳାଠାରେ ବହୁ ପୂର୍ବରୁ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କାର୍ଯ୍ୟ ଶେଷ ହୋଇ ତାହା କାର୍ଯ୍ୟକ୍ଷମ ହୋଇଥିବା ଜଣାପଡ଼ିଛି। ତେଣୁ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବ୍ଲକର ଉକ୍ତ ୫ଟି ପଞ୍ଚାୟତରେ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ଲାଗି ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧରଣରେ ଦାବି ହେଉଛି। ଜିଲା ପ୍ରଶାସନ, ରାଜ୍ୟ ସରକାର ଓ ସର୍ବୋପରି ଖଣ୍ଡପଡ଼ା ବିଧାୟକ ଏ ଦିଗରେ ଦୃଷ୍ଟି ଦେବାକୁ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

